ସକାଳ
THE SAKALA



### ବାଲି ମାଫିଆଙ୍କ ମଧ୍ୟରେ ପ୍ରତିଯୋଗିତା

# ନଦୀବନ୍ଧକୁ କାଟି ଖୁଲମଖୁଲା ଚାଲିଛି ଲୁଟ୍

କୋରେଇ,୧୦।୨(ସମିସ):



ନଦୀ ବନ୍ଧକୁ କାଟି ଚାଲିଛି ବାଲି ଲୁଟ୍ ପ୍ରତିଯୋଗିତା। ବାଲିମାଫିଆ ସକ୍ରିୟ ଥିଲା ବେଳେ ଅଧିକାରୀଙ୍କ ନିରବ ଦ୍ରଷ୍ଟା ଯୋଗୁଁ ସାଧାରଣ ଜନତା ଭୋଗୁଛନ୍ତି ନାହିଁ ନଥିବା ଅବସ୍ଥା। ବାଲି, ଧୁଳି ଓ ପାଣିରେ ସରସର ଗ୍ରାମ୍ୟ ରାସ୍ତା। ଗାଡ଼ି ମୋଟର ଦୂରର କଥା ସାଧାରଣ ପଦଚାରୀ କି ସାଇକଲିଆଟିଏ ରାସ୍ତାରେ ଯାତାୟାତ କରିବାକୁ ଭୟ କରୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି ଯାଜପୁର ଜିଲ୍ଲା ବ୍ୟାସନଗର ତହସିଲ ଅନ୍ତର୍ଗତ ବୈତରଣୀ ନଦୀ ଘାଟକୁ ସଂଯୋଗ ହୋଇଥିବା ଗ୍ରାମ୍ୟରାସ୍ତା ଓ ଗ୍ରାମରେ।

ଖବର ମୁତାବକ ବ୍ୟାସନଗର ତହସିଲ ଅନ୍ତର୍ଗତ ରଣପୁର ଓ ମୁକୁନ୍ଦପୁର ଆର୍‌ଆଇ ସର୍କଲର ରଣପୁର, ନିଶଙ୍କପୁର, ମୁକୁନ୍ଦପୁର-୨, ଶାଆଁଳା, ଶାଳବା, ଧନିତ୍ରୀ, ଗମ୍ଭାରିଆ, ଗୋପାଳପୁର, କଣ୍ଟାବଣିଆ, ମୁକୁନ୍ଦପୁର ଆଦି ବୈତରଣୀ ନଦୀର ବାଲି ଘାଟରୁ ଦିନରାତି ବେଆଇନ ଭାବେ ମେସିନ୍ ଲଗାଇ ବାଲି ଲୁଟ୍ ଓ ଭାରୀଯାନ ଯାତାୟାତର ପ୍ରତିଯୋଗିତା ଚାଲିଛି। ଏସବୁ ଘାଟରୁ ବାଲି ମାଫିଆମାନେ ଅବାଧରେ ବିନା ଲିଜରେ ନଦୀବନ୍ଧକୁ କାଟି ବାଲି ଚାଲାଣ କରୁଛନ୍ତି। ବାଲି ଚୋରା ଚାଲାଣ ହେଉଥିବା ବେଳେ ଜିଲ୍ଲା ଖଣି ବିଭାଗ, ବ୍ୟାସନଗର ତହସିଲ ଅଧିକାରୀ ଓ କୋରେଇ ପୁଲିସ ନିରବଦ୍ରଷ୍ଟା ସାଜି ବାଲିମାଫିଆଙ୍କୁ ସୁରକ୍ଷା ଦେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଦିନରାତି ୧୨/୧୪ ଚକିଆ ବଡ଼ବଡ଼ ହାଇୱାରେ ଶହ ଶହ ଟ୍ରିପ୍ ବାଲି ଗ୍ରାମ୍ୟରାସ୍ତା ଦେଇ ଯାତାୟାତ କରୁଛନ୍ତି। ପାଣି ମିଶା ବାଲି ଗାଡ଼ିରେ ଯାଉଥିବାରୁ ପାଣି, ବାଲି ଓ ଧୁଳି ମିଶି ରାସ୍ତାଗୁଡିକ ପାଣି କାଦୁଅରେ ସରସର ହୋଇପଡୁଛି। ଏହାଦ୍ୱାରା ସାଧାରଣ ଲୋକ, ସ୍କୁଲ କଲେଜ ଛାତ୍ରଛାତ୍ରୀ, ବ୍ୟବସାୟୀ ଆଦି ବିଭିନ୍ନ କର୍ମର ଲୋକଙ୍କ ଯାତାୟାତରେ ନାହିଁନଥିବା ଅସୁବିଧା ସୃଷ୍ଟି ହେଉଛି। ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡିଛି। ବଡ଼ ଉଦ୍‌ବେଗର ବିଷୟ ନଦୀ ଗର୍ଭରୁ ବାଲି ଉତ୍ତୋଳନ ପାଇଁ ନଦୀ ବନ୍ଧକୁ ୫/୬ଟି ସ୍ଥାନରେ କାଟି ଦିଆଯାଇଛି। ଯାହାକି ନଦୀକୂଳିଆ ଗ୍ରାମ ପାଇଁ ବିପଦ ସୃଷ୍ଟି ହେଇଛି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କଲେ ପ୍ରଶାସନ କାଁ ଭାଁ ଗୋଟିଏ ଦୁଇଟା ଗାଡ଼ି ମାଫିଆଙ୍କ ସହମତିରେ ଧରି କିଛି ଆର୍ଥିକ ଜରିମନା କରି ଛାଡ଼ି ଦେଉଛନ୍ତି। ଏହା ସହିତ ଅଭିଯୋଗ କରୁଥିବା ଲୋକଙ୍କୁ ଜୀବନରୁ ମାରିଦେବାକୁ ଧମକ୍ ମଧ୍ୟ ଦିଆଯାଉଥିବାର ଅଭିଯୋଗ ହେଉଛି। ଆଉ ମଧ୍ୟ କେହି ଯଦି ଗ୍ରାମ୍ୟରାସ୍ତାରେ ବାଲି ଗାଡ଼ି ଯାତାୟାତକୁ ବାରଣ କରନ୍ତି ତେବେ ମାଫିଆଙ୍କ ପୋଷାଗୁଣ୍ଡା ତତ୍‌କ୍ଷଣାତ୍ ଉକ୍ତ ସ୍ଥାନରେ ପହଞ୍ଚି ବାରଣ କରୁଥିବା ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାରଧର କରୁଥିବାର ଅଭିଯୋଗ ହେଉଛି। ଏହି ବେଆଇନ୍ ବାଲି ଉତ୍ତୋଳନ ଯୋଗୁଁ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ହେବା ସହ ନଦୀକୂଳ ଗ୍ରାମବାସୀଙ୍କ ଜୀବନଚର୍ଯ୍ୟା ଉପରେ ନକରାତ୍ମକ ପ୍ରଭାବ ପକାଉଛି। ସାଧାରଣ ଲୋକଙ୍କ ସ୍ୱାର୍ଥକୁ କୁଠାରଘାତ କରି ପ୍ରଶାସନ କିପରି ଏହି ବେଆଇନ୍ ବାଲି ଚୋରିକୁ ସହଯୋଗ କରୁଛି ତାହା ଏବେ ସାଧାରଣରେ ପ୍ରଶ୍ନ ଉଠୁଛି। ଏ ନେଇ ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭକରି ଉଚ୍ଚପଦସ୍ଥ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରି ନୟାନ୍ତ ହେଉଥିଲେ ମଧ୍ୟ କେହି ଏହାକୁ କର୍ଣ୍ଣପାତ କରୁ ନଥିବା ଅଭିଯୋଗ ହୋଇଛି। ଯାଜପୁର ଜିଲା ଖଣି ଉପ ନିର୍ଦ୍ଦେଶକଙ୍କୁ ବାରମ୍ବାର ଦୂରଭାସ ମାଧ୍ୟମରେ ଯୋଗାଯୋଗ କରାଯାଉଥିବା ବେଳେ ସେ କୌଣସି ପ୍ରତିକ୍ରିୟା ପ୍ରକାଶ କରୁ ନାହାନ୍ତି କି ଫୋନ୍ ଉଠାଉ ନାହାନ୍ତି। ଏଣୁ ଜିଲ୍ଲା ପ୍ରଶାସନ ବାଲି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ନୂତନ ଆଇଆଇସିଙ୍କ ଯୋଗଦାନ



କୟାଁଗୋଲା,୧୦।୨(ସମିସ): ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନାରେ ନୂତନ ଆଇଆଇସି ଭାବେ ରଞ୍ଜନ କୁମାର ବେହେରା ମଙ୍ଗଳବାର ଯୋଗ ଦେଇଛନ୍ତି। ସେ ଜେନାପୁର ଥାନାରେ କାର୍ଯ୍ୟ କରିବା ପରେ ମଙ୍ଗଳପୁର ଥାନାରେ ପ୍ରଥମ କରି ଇନ୍ସପେକ୍ଟର ଚାର୍ଜ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଜଣାଯାଇଛି। ତେବେ ସେ ସାଧାରଣ ଲୋକଙ୍କୁ ଉଚିତ ନ୍ୟାୟ ଦେବା ପାଇଁ ସବୁ ମତେ କାର୍ଯ୍ୟ କରିବା ସହିତ ମଙ୍ଗଳପୁର ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳାର ସୁରକ୍ଷା ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଏସ୍‌ଆଇ ଅନିତା ପ୍ରଧାନ, ସଂକେତ ପଲେଇ, ଏଏସ୍‌ଆଇ ଜଟାଧାରୀ ଦାସ, ସଂଯୁକ୍ତା ପଣ୍ଡା, ଘନଶ୍ୟାମ ନାୟକ, ପ୍ଲାବନ ମହାପାତ୍ର ତାଙ୍କୁ ସ୍ୱାଗତ କରିଥିଲେ।

## ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ମଙ୍ଗଳପୁର,୧୦।୨(ସମିସ): ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟରେ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଟ୍ରେନର୍ ସ୍ନେହଲତା ସାମଲ, ଅର୍ନ୍ନପୂର୍ଣ୍ଣା ନାୟକଙ୍କ ଦ୍ୱାରା ଏହି ତାଲିମ ଶିବିରରେ ପ୍ରାୟ ୫୦ଜଣରୁ ଉର୍ଦ୍ଧ୍ୱ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୁନ ଟୁଡୁ ଏହି ଶିବିରଟିକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟପ୍ରକାଶ ନାୟକ, ବରିଷ୍ଠ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା, ଉତ୍ପଳ କୁମାର କୁମାର ବିଶ୍ୱାଳ, ଶିକ୍ଷୟିତ୍ରୀ ସୁଜାତା ସାହୁ, ଲକ୍ଷ୍ମୀପ୍ରିୟା ପ୍ରଧାନ, ସ୍ନେହାଞ୍ଜଳି ଜେନା ପ୍ରମୁଖ ଯୋଗଦେଇ ବାଳିକାମାନେ କିପରି ନିଜକୁ ରକ୍ଷା କରି ପାରିବେ ସେ ଦିଗରେ ମତବ୍ୟକ୍ତ କରିଥିଲେ। ଏହି ଶିବିର ୯ ତାରିଖରୁ ଆରମ୍ଭ ହୋଇଥିବା ବେଳେ ୧୯ ତାରିଖରେ ଶେଷ ହେବ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିସୁନ ଟୁଡୁ କହିଛନ୍ତି।



## ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନଚକ୍ର

ଚଣ୍ଡିଖୋଲ,୧୦।୨(ସମିସ): ବଡଚଣା ବ୍ଲକ୍ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ "ଭାରତ - ରଷ ସାଂସ୍କୃତିକ ସମ୍ପର୍କ: ସୋଭିଏତ ଯୁଗରୁ ସାଂପ୍ରତିକ ସମୟ ପର୍ଯ୍ୟନ୍ତ ଯାତ୍ରା' ଶୀର୍ଷକ ଏକ ଆଲୋଚନାଚକ୍ର ବିଭାଗୀୟ ମୁଖ୍ୟ ଅଧ୍ୟାପକ ଦୀପକ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା ଯୋଗଦେଇଥିଲେ। ଆଲୋଚନାଚକ୍ରର ମୁଖ୍ୟବକ୍ତା ତଥା ବିଷୟ ବିଶେଷଜ୍ଞ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ଚାନ୍ଦୋଳ କେନ୍ଦ୍ରାପଡ଼ାର ଅବସରପ୍ରାପ୍ତ ପ୍ରାଧ୍ୟାପକ ଅବନୀ ରଞ୍ଜନ ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ନାରାୟଣ ଚନ୍ଦ୍ର ମୁଦୁଲି ଭାରତ ରଷ ଦ୍ୱିପାକ୍ଷିକ ସମ୍ପର୍କର ଐତିହାସିକ ପୃଷ୍ଠଭୂମିକୁ ଛାତ୍ର ଛାତ୍ରୀ ମାନଙ୍କ ସମୁଖରେ ରଖିଥିଲେ। ବିଭାଗୀୟ ଅଧ୍ୟାପକ ଡ. ହରି ନାରାୟଣ ସାହୁ ସ୍ୱଲିଖିତ ସନ୍ଦର୍ଭ ପାଠ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ମାମା ସିଂ, ଦ୍ୱିତୀୟ ବର୍ଷ ଛାତ୍ରୀ ପ୍ରିୟଦର୍ଶିନୀ ସାହୁ ଓ ତୃତୀୟ ବର୍ଷ ଛାତ୍ରୀ ଉଷାରାଣୀ ସାହୁ ସ୍ୱଲିଖିତ ସନ୍ଦର୍ଭ ପାଠ କରିଥିଲେ। ଶେଷରେ ଶେଷ ବର୍ଷ ଛାତ୍ର ଗୌରବ ବିନ୍ଧାଣୀ ଧନ୍ୟବାଦ୍ ଅର୍ପଣ କରିଥିଲେ।



## ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

କବାଟବନ୍ଧ,୧୦।୨(ସମିସ): ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଏକ ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହି ଗୁରୁତର ଆହତ ହୋଇଥିବା ଜଣାପଡିଛି। ଆହତ ବାଇକ ଆରୋହି ଜଣଙ୍କ ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କମାଗଡ଼ ଗ୍ରାମର ମାୟାଧର ରାଉତ (୪୫) ବୋଲି ଜଣାପଡ଼ିଛି। ପ୍ରତ୍ୟେକଦର୍ଶୀଙ୍କ କହିବା ଅନୁଯାୟୀ ମାୟାଧର ୫୩ ନମ୍ବର ଜାତୀୟ ରାଜପଥରେ ବାଲିସାହି ଛକ ଠାରୁ ଚଢ଼େଇଧରା ଛକ ଆଡ଼କୁ ଯାଉଥିଲେ। ସିଦ୍ଧ ବିନାୟକ ସ୍କୁଲ ନିକଟରେ ବିପରୀତ ଦିଗରୁ ରଙ୍ଗ୍ ରୁଟରେ ଆସୁଥିବା ଏକ କ୍ୟାମ୍ପର ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ତାଙ୍କରମୁଣ୍ଡରେ ଆଘାତ ଲାଗିବା ସହିତ ଗୋଡ଼ ଉପରେ ମଧ୍ୟ ଗାଡ଼ି ଚଢ଼ି ଯାଇଥିଲା। ଫଳରେ ମାୟାଧର ଦୁର୍ଘଟଣା ସ୍ଥଳରେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ ବିଭାଗ ଦ୍ୱାରା ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ବଡ଼ଚଣା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଗୁରୁତର ଅବସ୍ଥାରେ ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ପଠେଇ ଦିଆଯାଇଥିଲା। ସୂଚନା ଥାଉକି ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ବିଳମ୍ବ ପାଇଁ ସାଧାରଣ ଲୋକ ମାନେ ନାହିଁ ନ ଥିବା ଅସୁବିଧା ଭୋଗ କରିବା ସହିତ ଦୈନିକ ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଅନେକ ମୃତାହତ ହେଉଛନ୍ତି। ତୁରନ୍ତ ସମ୍ପ୍ରସାରଣ କାର୍ଯ୍ୟ ସାରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



କବାଟବନ୍ଧ,୧୦।୨(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ମୁକୁନ୍ଦପାତ୍ର ଡିଗ୍ରୀ ମହାବିଦ୍ୟାଳୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଧର୍ମଶାଳା ବ୍ଲକ ପକ୍ଷରୁ ଆୟୋଜିତ ଏହି ଶିବିରରେ ଧର୍ମଶାଳା ବ୍ଲକ ଅଧୀନ ଚକ୍ରଧରପୁର, ଏଣ୍ଡଲବା, କବାଟବନ୍ଧ, ମଧୁସୂଦନପୁର, ମର୍ଜିତାପୁର, ରାଇଛନ୍ଦା, ରେଖିଦେଇପୁର, ତାଳଜଙ୍ଗ, ଅଞ୍ଜିରା, ଚକ୍ରଧରପୁର ଆଦି ପଞ୍ଚାୟତର ସ୍ନାୟୁଗତ ବାଧିତ, ବାମନ, ମାନସିକ ଅନଗ୍ରସର, ମାଂସପେଶୀ ଜନିତ ରୋଗ, ଚଳନ ଶକ୍ତି ବାଧିତ, ଅଟିଜିମ ସ୍ପେକ୍ଟ୍ରମ, ବୌଦ୍ଧିକ ବାଧିତ, ମାନସିକ ବିକୃତ, ଦୃଷ୍ଟିଶକ୍ତି ବାଧିତ, ଶ୍ରବଣ ବାଧିତ, ବାକଶକ୍ତି ଓ ଭାଷା ଜନିତ ବାଧିତ ଏବଂ ବନ୍ୟ ଜନ୍ତୁ ଆକ୍ରମଣରେ ଶିକାର ହୋଇଥିବା ବ୍ୟକ୍ତିମାନେ ଉକ୍ତ ଶିବିରରେ ସାମିଲ ହୋଇ ସାର୍ଟିଫିକେଟ ପାଇବା ପାଇଁ ବ୍ୟବସ୍ଥା କରାଯାଇଥିଲା। ହିତାଧିକାରୀଙ୍କ ସୁବିଧା ପାଇଁ ଏକ ହେଲ୍ପ ଡେସ୍କ ମଧ୍ୟ ଖୋଲା ଯାଇଥିଲା। ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପାଇଁ ଯୋଗ୍ୟ ହିତାଧିକାରୀ ତଥା ଭିନ୍ନକ୍ଷମମାନେ ପହଞ୍ଚି ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ଏହି ଶିବିରରେ ୮୪ ଜଣ ଭିନ୍ନକ୍ଷମ ବ୍ୟକ୍ତି ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ କର୍ଣ୍ଣ, ଗଳା, ନାସାରେ ୯ ଜଣ, ମାନସିକ ଅନଗ୍ରସର ୧୧ ଜଣ, ଅସ୍ଥିଶଲ୍ୟ ୧୧ ଜଣ, ଭେଷଜ ୩ ଜଣ ଏବଂ ଚକ୍ଷୁରେ ୧୨ ଜଣ ଡାକ୍ତରୀ ପରୀକ୍ଷା କରିଥିଲେ। ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜାନକୀ ହେମ୍ବ୍ରମ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନରଞ୍ଜନ ବେହେରା, ଜୁନିଅର ଆସିଷ୍ଟାଣ୍ଟ ରାଜଲକ୍ଷ୍ମୀ ମହାପାତ୍ର, ପ୍ରୋଗ୍ରାମ ସହାୟକ ତାପସ କୁମାର ବେହେରା ପ୍ରମୁଖ ପରିଚାଳନାରେରେ ସହଯୋଗ କରିଥିଲେ। ୫ ଜଣ ଡାକ୍ତର ଏବଂ ଡିଡିଆର୍‌ସି ଯୋଗଦେଇ ଭିନ୍ନକ୍ଷମଙ୍କୁ ପରୀକ୍ଷା କରି ଚିହ୍ନଟ କରିଥିଲେ। ଚିହ୍ନଟ ହୋଇଥିବା ଭିନ୍ନକ୍ଷମ ଅନଲାଇନରେ ନିଜର ଭିନ୍ନକ୍ଷମ ପ୍ରମାଣପତ୍ର ଆବେଦନ କରିବା ପରେ ସେମାନେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇ ପାରିବେ ବୋଲି ସୂଚନା ଦିଆଯାଇଛି।

## ବାବା ସ୍ୱପ୍ନେଶ୍ୱର ମହାଦେବଙ୍କର ବିଶ୍ୱଶାନ୍ତି ମହାଯଜ୍ଞ



ବରୁହାଁ,୧୦।୨(ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ଜମଧର ପଞ୍ଚାୟତ ସ୍ୱପ୍ନେଶ୍ୱର ଗ୍ରାମର ଆରାଧ୍ୟ ଦେବ ବାବା ସ୍ୱପ୍ନେଶ୍ୱର ମହାଦେବଙ୍କ ବାର୍ଷିକ ବିଶ୍ୱଶାନ୍ତି ଯଜ୍ଞ ଆରମ୍ଭ ହୋଇଛି। ଅଙ୍କୁରାରୋପଣ ଓ ଯଜ୍ଞାଧିବାସ କରାଯାଇ ନିକଟସ୍ଥ ଖରସ୍ରୋତା ନଦୀରୁ ୧୦୮ ଜଣ ପୁରୁଷ ଓ ମହିଳା ବ୍ରତଧାରୀ ପବିତ୍ର ଜଳ ଧାରଣ କରି ଶୋଭାଯାତ୍ରାରେ ଆସି ମନ୍ଦିର ନିକଟ ଯଜ୍ଞମଣ୍ଡପ ନିକଟରେ ପହଞ୍ଚିଲା ପରେ ଘଟ ସ୍ଥାପନା କରାଯାଇ ମଣ୍ଡଳ ସଂସ୍କାର କରାଯାଇଥିଲା। କର୍ତ୍ତା ଭାବେ ଝୁଲଣ ପତି, ନିତ୍ୟାନନ୍ଦ ପତି, ସୁଧୀର ପତି, କର୍ତ୍ତି ଭାବେ ସୁମିତ୍ରା ପତି, ନିରୁପମା ପତି, ଦିପ୍ତିମୟୀ ପତି ଓ ପଣ୍ଡିତ ବିରଞ୍ଚି ନାରାୟଣ ପାଢ଼ୀ, ବିଚିତ୍ର ପାଢ଼ୀ, ମହେଶ୍ୱର ପଣ୍ଡା, ଦେବେନ୍ଦ୍ର ପାଢ଼ୀ, ସୁବ୍ରତ ମିଶ୍ରଙ୍କ ପୌରୋହିତରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଯଜ୍ଞ ଆସନ୍ତା ଶୁକ୍ରବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତାଙ୍କ ଠାରୁ ଜଣାପଡ଼ିଛି।

## ସାଇବର ସୁରକ୍ଷା ସଚେତନତା



ଯାଜପୁର,୧୦।୨(ସମିସ): ସାଇବର ସୁରକ୍ଷା ଦିବସ ପାଳନ ଅବସରରେ ସ୍ଥାନୀୟ ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ଜିଲ୍ଲା ସୂଚନା ବିଜ୍ଞାନ କେନ୍ଦ୍ର ପକ୍ଷରୁ ସାଇବର ସୁରକ୍ଷା ସଚେତନତା ଆୟୋଜିତ ହୋଇଛି। ମୁଖ୍ୟବକ୍ତା ଭାବେ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ସଞ୍ଜିତ କୁମାର ନାୟକ, କଲେଜ ଅଧ୍ୟକ୍ଷ ରଞ୍ଜନ କୁମାର ବେହେରା, ଡା. ବିନୋଦ କୁମାର ମଲ୍ଲିକ, ଡା. ପ୍ରୀତିଶ୍ରୀ ରଞ୍ଜନ ଉପସ୍ଥିତ ଥିଲେ। ଆଲୋଚନାଚକ୍ରରେ ଶ୍ରୀ ନାୟକ ବୃତ୍ତଚିତ୍ର ମାଧ୍ୟମରେ ଡିଜିଟାଲ ଆରେଷ୍ଟ, ଡିପ୍ ଫେକ, ୟୁପିଆଇ ପେମେଣ୍ଟ ଠକେଇ ସମ୍ପର୍କରେ ଅବଗତ କରାଇବା ସହିତ ଠକେଇରୁ ରକ୍ଷା ପାଇବା ପାଇଁ ଉପାୟ ଓ କୌଶଳ ବିଷୟରେ କହିଥିଲେ। ଏହାସହ ଏକ ସାଇବର ସୁରକ୍ଷା କୁଇଜ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। କଲେଜର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଏଥିରେ ଭାଗ ନେଇଥିଲେ। ଏହି ଅବସରରେ ଜିଲ୍ଲା ସୂଚନା ବିଜ୍ଞାନ କେନ୍ଦ୍ରର ନେଟୱର୍କ ଇଞ୍ଜିନିୟର ପ୍ରବୀର କୁମାର ବେହେରା, ନେଟୱର୍କ ଇଞ୍ଜିନିୟର ଦୀପ୍ତିପ୍ରଭା ପାତ୍ର, ଡିଆର୍‌ଏମ୍ ଶୁଭେନ୍ଦୁ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜାତୀୟ ପେନ୍‌ସନ୍ ପ୍ରଶିକ୍ଷଣ ଶିବିର



ଯାଜପୁର,୧୦।୨(ସମିସ): ଯାଜପୁର ରୋଡ୍‌ସ୍ଥିତ ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରଠାରେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ତଥା କୋଷାଗାର ଓ ପରିଦର୍ଶନ ନିର୍ଦ୍ଦେଶାଳୟ ଭୁବନେଶ୍ୱରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାଜପୁର ରୋଡ୍ ସ୍ୱତନ୍ତ୍ର କୋଷାଗାର ଦ୍ୱାରା ଏକ ଜାତୀୟ ପେନ୍‌ସନ୍ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ଡିଡିଓ ଏବଂ ପେନସନ ଭୋକ୍ତାମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଯାଜପୁର ରୋଡ୍‌ସ୍ଥିତ ସ୍ୱତନ୍ତ୍ର କୋଷାଗାର ଅଧିକାରୀ ବ୍ରହ୍ମାନନ୍ଦ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଲଳିତା ସାହୁ, ଅତିରିକ୍ତ କୋଷାଗାର ଅଧିକାରୀ, ଆକାଉଣ୍ଟ ଅଧିକାରୀ ରାଜଲକ୍ଷ୍ମୀ ବେହେରା, ଶୋଭନା ଲେଙ୍କା ଏବଂ ବିଭୁ ପ୍ରସାଦ ଜେନା ଉପସ୍ଥିତ ରହି ଜାତୀୟ ପେନସନ ଯୋଜନା ଉପରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଯାହା ଫଳରେ ଜାତୀୟ ପେନସନ ଉପରେ ଥିବା ସନ୍ଦେହ ଦୂର ହୋଇପାରିଥିଲା। ସେହିପରି ଯାଜପୁର ଜିଲ୍ଲା କୋଷାଗାରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କୋଷାଗାର ଅଧିକାରୀ ଦୀପ୍ତିମାନ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋଷାଗାର ନିର୍ଦ୍ଦେଶାଳୟର ରିସୋର୍ସ ପର୍ସନମାନେ ଯୋଗ ଦେଇଥିଲେ। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ଡିଡିଓ ଉପସ୍ଥିତ ଥିଲେ। ଅତିରିକ୍ତ କୋଷାଗାର ଅଧିକାରୀ ସ୍ୱର୍ଣ୍ଣଲତା ସଏ, ସୁମିତ କୁମାର ଅଗ୍ରୱାଲ ଓ ବରିଷ୍ଠ ହିସାବ ରକ୍ଷକ ଉପେନ୍ଦ୍ର କୁମାର ରାଉତରାୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ୯ରୁ ୧୩ ଫେବୃଆରୀ କୋଷାଗାର ଓ ପରିଦର୍ଶନ ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ବିଭିନ୍ନ ଜିଲ୍ଲା କୋଷାଗାର, ସ୍ୱତନ୍ତ୍ର କୋଷାଗାର ତଥା ଉପକୋଷାଗାରମାନଙ୍କରେ ନୂତନ ଜାତୀୟ ପେନ୍‌ସନ ଉପରେ ସପ୍ତାହ ବ୍ୟାପୀ ସଚେତନତା ପ୍ରଶିକ୍ଷଣ ଅନୁଷ୍ଠିତ ହେଉଅଛି।

## ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ

ମଙ୍ଗଳପୁର,୧୦।୨(ସମିସ): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ଦଶରଥପୁର ବ୍ଲକ ଶାଖା ସଙ୍ଗଠନର ନବନିର୍ବାଚିତ କର୍ମକର୍ତ୍ତାମାନଙ୍କର ଶପଥ ଗ୍ରହଣ ଉତ୍ସବ ମା' କୁଆଁସ ମଙ୍ଗଳା ପୀଠରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘର ଉପଦେଷ୍ଟା କମଳାକାନ୍ତ ସନ୍ଧିବିଗ୍ରହ ଅଧକ୍ଷତାରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଫେଡେରେସନର ରାଜ୍ୟ ମହାସଚିବ ଚାରୁଲତା ମହାପାତ୍ର, ମୁଖ୍ୟ ବକ୍ତା ଭାବେ ଯାଜପୁର ଜିଲ୍ଲା ଉପଦେଷ୍ଟା ବିଜୟ ନାୟକ, ସମ୍ମାନିତ ଦଶରଥପୁର ବ୍ଲକର ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା, ପୂର୍ବତନ ବିଆରସିସି ନିରଞ୍ଜନ ନାୟକ, ଅତିଥି ଭାବେ ଜିଲ୍ଲା ସଭାପତି ବିଜୟ କୁମାର ନାୟକ, ଧର୍ମଶାଳା ବ୍ଲକ ସମ୍ପାଦକ ଆର୍ତ୍ତତ୍ରାଣ ସେଠୀ, ବିଞ୍ଝାରପୁର ବ୍ଲକ ସଭାପତି ରବୀନ୍ଦ୍ର ମହାନ୍ତି, ସମ୍ପାଦକ ସୁବାସ ନାୟକ ଓ ଜିଲ୍ଲା ଉପଦେଷ୍ଟା ବିଜୟ ନାୟକ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ମହାସଚିବ ଚାରୁଲତା ମହାପାତ୍ର ନବନିର୍ବାଚିତ ବ୍ଲକ ସଭାପତି ଭାବେ ବିଜୟ କୁମାର ନାୟକ, ସମ୍ପାଦକ ଭାବେ ବିକାଶ କୁମାର ମଲ୍ଲିକଙ୍କ ସମେତ ଅନ୍ୟ ୭ ଜଣ କର୍ମକର୍ତ୍ତା ଓ ବ୍ଲକର ୨୫ ଜଣ କାର୍ଯ୍ୟକାରୀ ସଭ୍ୟସଭ୍ୟାମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇବା ସହ ନୂତନ କର୍ମକର୍ତ୍ତା ମାନଙ୍କୁ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ମାର୍ଗଦର୍ଶନ କରାଇ ଥିଲେ।



## ରେଳଧାରଣାରୁ ମୃତଦେହ ଉଦ୍ଧାର

କବାଟବନ୍ଧ,୧୦।୨(ସମିସ): ଜେନାପୁର ରେଳଷ୍ଟେସନ ନିକଟରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ରେଳଧାରଣାରୁ ଜବତ କରାଯାଇଛି। ଅପରାହ୍ନରେ ସ୍ଥାନୀୟ ଲୋକମାନେ ମାଛ ଧରିବାକୁ ଯାଇଥିବା ସମୟରେ ଉକ୍ତ ମୃତଦେହକୁ ପଡ଼ିଥିବାର ଦେଖିଥିଲେ। ଜେନାପୁର ଓ ଗଡ଼ମଧୁପୁର ରେଳଷ୍ଟେସନ ମଧ୍ୟରେ କର୍ଭ ନମ୍ବର ୮ ପାଖରେ ରେଳଧାରଣା ଉପରେ ପଡ଼ିଥିବା ମୃତଦେହ ନିକଟରେ ଏକ ମୋବାଇଲ ଫୋନ ଏବଂ ଏକ କ୍ରେଡିଟ କାର୍ଡ ପଡିଥିବା ଦେଖିବାକୁ ମିଳିଥିଲା। ମୃତ ବ୍ୟକ୍ତି ଜଣକ ଏକ ନୀଳ ରଙ୍ଗର ପ୍ୟାଣ୍ଟ ଏବଂ ପିଙ୍କ୍ କଲର ସାର୍ଟ ପିନ୍ଧିଥିବା ବେଳେ ନିକଟରେ ଏକ ଚପଲ ମଧ୍ୟ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତବ୍ୟକ୍ତିଙ୍କ ମୁହଁ ଏବଂ ମୁଣ୍ଡରେ ଆଘାତ ହୋଇ ରକ୍ତ ଲାଗିଥିଲା। ତାଙ୍କର କୌଣସି ପରିଚୟ ମିଳି ପାରି ନ ଥିଲା ମାତ୍ର ନିକଟରେ ପଡ଼ିଥିବା କ୍ରେଡ଼ିଟ କାର୍ଡରେ ରଞ୍ଜନ କୁମାର ବାରିକ ଲେଖାଥିବା ଦେଖିବାକୁ ମିଳିଥିଲା। ରେଳବାଇ ପୁଲିସ ରାତି ପ୍ରାୟ ୧୦ଟା ସମୟରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିବା ଜଣାପଡିଛି।

## ବୃତ୍ତି ପରୀକ୍ଷାରେ ତପସ୍ୟାଙ୍କ ସଫଳତା



ବାଲିଚନ୍ଦ୍ରପୁର,୧୦।୨(ସମିସ): ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନସ୍ଥ ବାଲିଚନ୍ଦ୍ରପୁରସ୍ଥ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଚଳିତ ବର୍ଷର ୫ମ ଶ୍ରେଣୀର ଛାତ୍ରୀ ଏପି ତପସ୍ୟା ସାମଲ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ବଡ଼ଚଣା ବ୍ଲକ ଜଗନ୍ନାଥପୁର ଗ୍ରାମର ଆଶୁତୋଷ ସାମଲ ଓ ପ୍ରଣତୀ ନାୟକଙ୍କର ଏକମାତ୍ର ଝିଅ। ଏହି ସଫଳତା ପାଇଁ ବାପା ମା'ଙ୍କ ସହିତ ସେ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି।

# ନିୟମିତ ଖୋଲୁନି ବଡ଼କୁଆଁଲ ପ୍ରାଣୀ ଚିକିତ୍ସା କେନ୍ଦ୍ର

କୟାଁଗୋଲା,୧୦।୨(ସମିସ):



ନାହିଁ ନାହିଁରେ ଚାଲିଛି ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ପଞ୍ଚାୟତସ୍ଥିତ ବଡ଼କୁଆଁଲ ପ୍ରାଣୀ ଚିକିତ୍ସା କେନ୍ଦ୍ର। କେନ୍ଦ୍ରଟି ନିୟମିତ ଖୋଲୁ ନ ଥିବା ଦ୍ୱାରା ପଶୁପକ୍ଷୀ ଚିକିତ୍ସା ପାଇ ପାରୁ ନାହାନ୍ତି। କାଁ ଭାଁ ଯଦି ଖୋଲି ଥାଏ ଦରକାର ମୁତାବକୁ ଔଷଧ ମିଳି ନଥାଏ। ଚିକିତ୍ସା ହୋଇ ନପାରି ଚାଲିଯାଉଛି ନିରୀହ ପଶୁ ପକ୍ଷୀଙ୍କ ଜୀବନ। ଏପରି ଅବସ୍ଥାକୁ ଦେଖି ଗୋପାଳକ ଚାଷୀ ଏବେ ଚିନ୍ତାରେ। ଏହି ପ୍ରାଣୀ ଚିକିତ୍ସା କେନ୍ଦ୍ର ଉପରେ ବିରିପଟା ପଞ୍ଚାୟତ ସହ ଅନ୍ୟ ପଡ଼ୋଶୀ ପଞ୍ଚାୟତ ଚାଷୀମାନେ ନିର୍ଭର କରିଥାନ୍ତି। ହଳଦୀଡିହ ପଞ୍ଚାୟତ ଗୁହାଳୀ, କୁସନପୁର, କଣ୍ଟିତର, ଗୁଣ୍ଡୁରୀପଡ଼ାର ଗୋପାଳକଙ୍କ ଛେଳି, ବତକ, କୁକୁଡ଼ା ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣର ଔଷଧ ସହ ଚିକିତ୍ସା ମିଳୁନାହିଁ ବୋଲି ଅଭିଯୋଗ କରିଛନ୍ତି। ଅଞ୍ଚଳର ଚାଷୀମାନେ ଅଧିକାଂଶ ସମୟରେ ଚିକିତ୍ସା କେନ୍ଦ୍ରଟି ବନ୍ଦ ରହିବା ଯୋଗୁଁ ଉପଯୁକ୍ତ ଚିକିତ୍ସା ପାଇପାରୁନାହାନ୍ତି। ସଠିକ୍ ସମୟ ଓ ଉପଯୁକ୍ତ ଚିକିତ୍ସା ନ ପାଇବାରୁ ଅନେକ ସମୟରେ ଅକାଳରେ ଗାଈଗୋରୁ ଏବଂ ଛେଳି ମେଣ୍ଢାଙ୍କର ମୃତ୍ୟୁ ହେଉଛି। ଗୋରୁ, ଗାଈ, ଛେଳି, ମେଣ୍ଢା, ମଇଁଷିଙ୍କ ପାଇଁ ମାଗଣା ଔଷଧ ଓ ଇଞ୍ଜେକ୍ସନ ଏଠାରେ ଅଧିକାଂଶ ସମୟରେ ମିଳୁନଥିବା ଅଭିଯୋଗ ହେଉଛି। ଯାହାଫଳରେ ଚାଷୀମାନେ ଚଢ଼ା ଦର୍‌ରେ ଔଷଧ କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ଏନେଇ ଅଞ୍ଚଳବାସୀ ବ୍ଲକ୍ ଚିକିତ୍ସା ଅଧିକାରୀଙ୍କୁ ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳି ପାରୁ ନାହିଁ। ସରକାରଙ୍କ ବିଭିନ୍ନ ଯୋଜନାର ସୁବିଧା ସୁଯୋଗ ଗୁଡିକ ଜନସାଧାରଣଙ୍କୁ ମିଳିପାରୁନାହିଁ। ଏହିଭଳି ସମସ୍ୟାଗୁଡ଼ିକ ପ୍ରାଣୀ ଚିକିତ୍ସାଳୟରେ ଲାଗି ରହିଥିବାରୁ ଏହା କେବେ ଦୂର ହେବ ସାଧାରଣରେ ଚର୍ଚ୍ଚା ହେଉଛି।

## ଧର୍ମଘଟ ପାଇଁ ପଥପ୍ରାନ୍ତ ସଭା

**ପାଣିକୋଇଲି, ୧୦।୨(ସମିସ):** ଶ୍ରମିକ ବିରୋଧି ୪ଟି ଶ୍ରମ କୋଡ ଓ କେନ୍ଦ୍ର ସରକାରଙ୍କ ଜନବିରୋଧି ନୀତି ବିରୋଧରେ ୧୨ ଫେବୃଆରୀ ଦେଶବ୍ୟାପୀ ଧର୍ମଘଟକୁ ସଫଳ କରିବା ପାଇଁ ଆଜି ମିଳିତ ଟ୍ରେଡ୍ ୟୁନିଅନ ପକ୍ଷରୁ ପାଣିକୋଇଲି ଠାରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ସିଆଇଟିୟୁ ନେତା ଡ. ନିର୍ମଳ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ସମ୍ପାଦକ ପ୍ରଫୁଲ୍ଲ ନାୟକ, ଏଆଇଟିୟୁସି ନେତା ସୁରେଶ ପ୍ରଧାନ, ଆଇଏନଟିୟୁସି ନେତା ମଧୁସୂଦନ ସାହୁ, ସୁରେଶ ସାହୁ, ତ୍ରିଲୋଚନ ରାଉତ, ରାଜକିଶୋର ମହନ୍ତ, କେଦାର ନାଥ ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି କେନ୍ଦ୍ର ସରକାରଙ୍କ ଜନବିରୋଧି ନୀତି ବିରୁଦ୍ଧରେ ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ।

### ଓଟିନ୍ଦା ପ୍ରାଥମିକ ବିଦ୍ୟାଳୟରେ ଅଘଟଣ

# କୃମି ଔଷଧ ଖାଇ ୪୦ ଛାତ୍ରଛାତ୍ରୀ ଅସୁସ୍ଥ

**ପାଣିକୋଇଲି, ୧୦।୨(ସମିସ)**




କୋରେଇ ଶିକ୍ଷାମଣ୍ଡଳ ଅଧୀନସ୍ଥ ପଥରପଦା ପଞ୍ଚାୟତର ଓଟିନ୍ଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଜି କୃମି ଦିବସରେ କୃମି ଔଷଧ ଖାଇ ୪୦ ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇଥିଲେ। ସେମାନଙ୍କୁ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରକାଶଯେ ଶିକ୍ଷା ବିଭାଗ ଜରିଆରେ ପ୍ରତ୍ୟେକ ବିଦ୍ୟାଳୟକୁ କୃମି ଦିବସରେ କୃମି ଔଷଧ (ବଟିକା) ଯୋଗାଯାଇଥିଲା। ଏହି କ୍ରମରେ ଓଟିନ୍ଦା ବିଦ୍ୟାଳୟକୁ ଶହେ ଜଣଙ୍କ ପାଇଁ ଔଷଧ ଯାଇଥିଲା। ଆଜି ୯୦ ଜଣ ଛାତ୍ରଛାତ୍ରୀ ବିଦ୍ୟାଳୟରେ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ମଧ୍ୟାହ୍ନ ଭୋଜନ ଖାଇବା ପରେ ୮୦ ଛାତ୍ରଛାତ୍ରୀଙ୍କୁ ଉକ୍ତ ଔଷଧ ଖାଇଥିଲେ। ଔଷଧ ଖାଇବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରାୟ ୪୦ଜଣଙ୍କ ବାନ୍ତି ଓ ମୁଣ୍ଡ ବୁଲାଇବାରୁ ସେମାନେ ଅସୁସ୍ଥ ହୋଇପଡ଼ିଥିଲେ। ହେଲେ ଛାତ୍ରଛାତ୍ରୀଙ୍କୁ ଚିକିତ୍ସା କରଇବା ପରିବର୍ତ୍ତେ ପ୍ରଧାନ ଶିକ୍ଷକ ବିଦ୍ୟାଳୟ ଛାଡ଼ି ଚାଲିଯାଇଥିବା ବେଳେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଗୋଟିଏ ଶ୍ରେଣୀ ଗୃହରେ ପୂରାଇ ଅନ୍ୟ ଶିକ୍ଷକମାନେ ଗୋଟିଏ ଗୃହରେ ରହିଥିଲେ। ଖବର ପାଇ ଅଭିଭାବକମାନେ ପହଞ୍ଚି ଘଟଣାଦେଖି ଉତ୍ତେଜିତ ହୋଇଥିଲେ। ଫଳରେ ଉଭୟ ଶିକ୍ଷକ ଓ ଅଭିଭାବକ ମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଖବରପାଇ ସ୍ୱାସ୍ଥ୍ୟ ବିଭାଗ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। କିଛି ଅଭିଭାବକ ମଟରସାଇକଲ ଯୋଗେ ଓ ଅନ୍ୟ ଏକ ଗାଡିରେ ୪୦ଜଣଙ୍କୁ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାକୁ ଯାଜପୁର ସଦର ମହକୁମା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ଏବିଇଓ ବିଜୟ କମ୍ଭାର ମଲ୍ଲିକ, ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି, ସବଇନ୍ସପେକ୍ଟର ପ୍ରଶାନ୍ତ ଦାଶ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଥିଲେ। ସେମାନଙ୍କୁ ଚିକତ୍ସା ପରେ ଧୀରେ ଧୀରେ ଛାତ୍ରଛାତ୍ରୀ ସୁସ୍ଥ ଅନୁଭବ କରିଥିଲେ।। ସୁସ୍ଥ ଛାତ୍ରଛାତ୍ରୀଙ୍କୁ ଅଭିଭାବକ ଘରକୁ ଆଣିଥିବା ବେଳେ ଅଳ୍ପକିଛି ଛାତ୍ରଛାତ୍ରୀ ଚିକତ୍ସିତ ହେଉଛନ୍ତି। ସେମାନେ ସୁସ୍ଥ ହେବା ପରେ ସେମାନଙ୍କୁ ଘରକୁ ଫେରିବେ ବୋଲି ଚିକିତ୍ସାଧିକାରୀ ଜିତେନ୍ଦ୍ରେ ସୋରେନ ସୂଚନା ଦେଇଛନ୍ତି।

## ଯୁବକଙ୍କୁ ଧକ୍କା ଦେଇ ୩୦ ଫୁଟ ତଳକୁ ଖସିଲା ହାଇୱା

**ବାଲିଚନ୍ଦ୍ରପୁର/କୁଦଳ, ୧୦।୨(ସମିସ):** ବେଆଇନ ଭାବେ ବାଲି ବୋଝେଇ କରି ଦ୍ରୁତ ଗତିରେ ଯାଉଥିବା ଏକ ହାଇୱା ଗାଡି ଧକ୍କାରେ ଜଣେ ଯୁବ ବ୍ୟବସାୟୀ ଗୁରୁତର ଆହତ ହୋଇଛନ୍ତି। ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ କେନାଲର ଚାରିନଙ୍ଗଳ-ବାହାଦୁରନଗର ଗ୍ରାମ ମଧ୍ୟସ୍ଥଳରେ ଘଟିଥିବା ଦେଖିବାକୁ ମିଳିଥିଲା। ସୂଚନା ମୁତାବକ ବାହାଦୁରନଗର ଗ୍ରାମର ଅରକ୍ଷିତ ସାମଲଙ୍କ ପୁଅ ଯୁବ ବ୍ୟବସାୟୀ ସଂଗ୍ରାମ କେଶରୀ ସାମଲ (ଆଶିଷ/୩୪) ବାଲିଚନ୍ଦ୍ରପୁର ବଜାରରୁ ସଉଦା କ୍ରୟ କରି ଏକ ବାଇକ୍ ଯୋଗେ ପଟ୍ଟାମୁଣ୍ଡାଇ କେନାଲ ରାସ୍ତା ଦେଇ ନିଜ ଗ୍ରାମ ଅଭିମୁଖେ ଯାଉଥିଲେ। ରଇପୁର ପଞ୍ଚାୟତ ଅନ୍ତର୍ଗତ ରାମଦାସପୁର-୨ ବାଲିଘାଟରୁ ବେଆଇନ ଭାବେ ବାଲି ବୋଝେଇ କରି ଏକ ହାଇୱା ଗାଡି (ଓଡି୦୪ ଇ-୯୦୩୫) ବାଲିଚନ୍ଦ୍ରପୁର ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଆଶିଷଙ୍କୁ ଧକ୍କା ଦେଇ କେନାଲ ବନ୍ଧରୁ ୩୦ ଫୁଟ ତଳକୁ ଖସି ପଡ଼ିଥିଲା।

ତେବେ ଏହି ଧକ୍କାରେ ଆଶିଷ ଗୁରୁତର ଆହତ ହୋଇ ବନ୍ଧ ତଳକୁ ପଡ଼ି ଯାଇଥିଲେ। ଏଥିରେ ତାଙ୍କର ଗୋଟେ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ଶରୀର ବିଭିନ୍ନ ସ୍ଥାନ ଖଣ୍ଡିଆ ଖାବରା ହୋଇଯାଥିଲା। ଖବର ପାଇ ପରିବାର ଲୋକେ ଓ ଅନ୍ୟ ସ୍ୱେଚ୍ଛାସେବୀମାନେ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ଆଶିଷଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ହାଇୱାଟିକୁ ଜବତ କରିବା ସହିତ ଘଟଣାର ତଦନ୍ତ ଜାରି ରଖିଛି। ହେଲେ ହାଇୱା ଚାଳକ ଫେରାର ହୋଇଯାଇଛି।

## ନିଶା ନିବାରଣ ସଚେତନତା



**ମଧୁବନ, ୧୦।୨(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ଗୋପାଳ ପଣ୍ଡା ହିଙ୍ଗୁଳା ହାଇସ୍କୁଲରେ ରାଷ୍ଟ୍ରୀୟ ଅପରାଧ ଯାଞ୍ଚ ବ୍ୟୁରୋ ଦ୍ୱାରା ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଯାଜପୁର ଜିଲ୍ଲା ଏନ୍‌ସିଆଇବି ଅଫିସର ବୈଦ୍ୟନ୍ଦ୍ରନାଥ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ନିର୍ଦ୍ଦେଶକ ସୁଦାମ ଚରଣ ଦାସ ମୁଖ୍ୟଅତିଥି, ବିଦ୍ୟାଳୟର ପ୍ରଧାନଶିକ୍ଷକ କମଳଲୋଚନ ପଣ୍ଡା ସମ୍ମାନିତ ଅତିଥି ଭାବେ ମିତ୍ରଭାନୁ ନାୟକ, ଦିବାକର ସାହୁ, ସମ୍ବଳ ଶିକ୍ଷକ ପ୍ରଶାନ୍ତ କୁମାର ଗୁଇଁ ଯୋଗ ଦେଇ ନିଶାର ଖରାପ ପ୍ରଭାବ ସମ୍ବନ୍ଧରେ ଆଲୋଚନା କରିଥିଲେ। ରସୁଲପୁର ବ୍ଲକର ଶତାଧିକ ଶିକ୍ଷକ ଏଥିରେ ଅଂଶଗ୍ରହଣ କରି ନିଜକୁ, ନିଜ ପରିବାରକୁ ଓ ସମାଜକୁ ନିଶା ମୁକ୍ତ କରିବା ପାଇଁ ଶପଥଗ୍ରହଣ କରିଥିଲେ। ନିଶା ସେବନ କୌଣସି ସମାଧାନର ବାଟ ନୁହେଁ ବରଂ ଏହା ସକଳ ସମସ୍ୟା ସୃଷ୍ଟି କରେ। ବର୍ତ୍ତମାନ ଓଡ଼ିଶା ସରକାର ନିଶା ନିବାରଣ ସଚେତନତା ପାଇଁ ଆହ୍ୱାନ ଦେବା ସହ ଏନ୍‌ସିଆଇବି ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ କରିବାକୁ ଗୁରୁତ୍ୱ ଦେଉଛି।

## ନାବାଳିକାକୁ ଉଦ୍ଧାର ପାଇଁ ଏସ୍‌ପିଙ୍କୁ ନିବେଦନ

**ପାଣିକୋଇଲି, ୧୦।୨(ସମିସ):** ଗତ ଡିସେମ୍ବର ୨୦ ତାରିଖକୁ ନାବାଳିକା ନିଖୋଜ ହେବା ନେଇ ଅଳକୁଣ୍ଡ ଥାନାରେ ଅଭିଯୋଗ ହୋଇଥିଲା। ଏହା ପରେ ବି ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାବାଳିକାକୁ ଉଦ୍ଧାର କରିବା ପରିବର୍ତ୍ତେ ଓଲଟି ମାନସିକ ନିର୍ଯାତନା ଦେଉଛି। ଫଳରେ ନିରାଶ ହୋଇ ଶେଷରେ ଆଜି ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ୍ ମୁଖ୍ୟାଳୟରେ ପରିବାର ପହଞ୍ଚି ନ୍ୟାୟ ଭିକ୍ଷା କରିଛନ୍ତି। ପ୍ରକାଶଯେ ଅଳକୁଣ୍ଡ ଥାନା ପ୍ରୀତିପୁର ଗ୍ରାମର ଏକ ୧୭ ବର୍ଷୀୟ ନାବାଳିକା ଗତ ଡିସେମ୍ବର ୨୦ ତାରିଖରେ ନିଖୋଜ ହୋଇଯାଇଥିଲା। ଏନେଇ ପରଦିନ ପରିବାର ପକ୍ଷରୁ ନିଖୋଜ ଅଭିଯୋଗ କରାଯାଇଥିଲା। ହେଲେ ୨ମାସ ବିତିଯାଇଥିଲେ ମଧ୍ୟ ପୁଲିସ ନାବାଳିକାକୁ ଉଦ୍ଧାର କରିବାରେ ବିଫଳ ହେବା ସହ ପରିବାରକୁ ମାନସିକ ଯନ୍ତ୍ରଣା ଦେଇଚାଲିଛି। ମାସକ ପରେ କୌଣସି ସୂତ୍ରରୁ ଜାଣିବାକୁ ପାଇଲେ ଉକ୍ତ ଥାନା ଅନ୍ତର୍ଗତ ବିତନା ଗ୍ରାମର ଗଣେଶ ମଲିକଙ୍କ ପୁଅ ଶଶିକାନ୍ତ ତାଙ୍କ ଝିଅକୁ ଅପହରଣ କରି ନେଇଛି। ଏନେଇ ଥାନାରେ ଜଣାଇଲେ ମଧ୍ୟ ନାବାଳିକାକୁ ଉଦ୍ଧାର କରିବା ପରିବର୍ତ୍ତେ ପୁଲିସ ଟାଳଟୁଳ ନୀତି ଅବଲମ୍ବନ କରଉଛି। ଶେଷରେ ନିରୁପାୟ ହୋଇ ଦମ୍ପତି ଆଜି ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ନିଜ କନ୍ୟାର ସୁରକ୍ଷିତ ଉଦ୍ଧାର ପାଇଁ ନ୍ୟାୟ ଭିକ୍ଷା କରିଛନ୍ତି।

## ସାମୂହିକ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ



**କୁଆଖିଆ, ୧୦।୨(ସମିସ):** ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରସୁଲପୁର ବ୍ଲକ ଅନ୍ତର୍ଗତ ଦର୍ଶନ ସରକାରୀ ଉଚ୍ଚ ବିଦ୍ୟାଳୟ କୁଣ୍ଡପାଟଣା ଓ ପଞ୍ଚାୟତ କାର୍ଯ୍ୟାଳୟରେ ଫାଇଲେରିଆ ରୋଗ ନିରାକରଣ ନିମନ୍ତେ ଜିଲ୍ଲାସ୍ତରୀୟ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳ ଅମ୍ବର କୁମାର କର ମୁଖ୍ୟଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଫେବୃଆରୀ ୧୦ରୁ ୧୯ ତାରିଖ ଯାଏଁ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକର ଜନସାଧାରଣ ଶତ ପ୍ରତିଶତ ଅଂଶଗ୍ରହଣ କରି ଔଷଧ ସେବନ କରିବାକୁ ଜିଲ୍ଲାପାଳ ଅନୁରୋଧ କରିବା ସହ ଯାଜପୁର ଜିଲ୍ଲାକୁ ଫାଇଲେରିଆ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ର ଔଷଧ ସେବନର ଉପକାରିତା ସମ୍ପର୍କରେ ଆଲୋକପାତ କରିବା ସହ ଜାତୀୟ କୃମିନାଶକ ଦିବସ ଉପଲକ୍ଷେ ଔଷଧ ସେବନ କରିବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ଦିଲ୍ଲୀରୁ ଆସିଥିବା ଡା. ରନପାଲ ସିଂ ଓଡ଼ିଶାରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ସଫଳ ରୂପାୟନକୁ ଅନ୍ୟ ରାଜ୍ୟ ଅନୁସରଣ କରିବା ଉଚିତ ବୋଲି କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାଉତରାପୁର ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ରସୁଲପୁର ବିଡିଓ, ମଣ୍ଡଳ ଶିକ୍ଷା ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ପଞ୍ଚାୟତର ସଦସ୍ୟ ଓ ସଦସ୍ୟା, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସ୍ୱେଚ୍ଛାସେବୀ ସଂଗଠନ, ବୁଦ୍ଧିଜୀବୀ, ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ଅଭିଭାବକ ଯୋଗ ଦେଇଥିଲେ। ରସୁଲପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରଛାତ୍ରୀଙ୍କ ସହାୟତ ପ୍ରଦାନ



**କୟାଁଗୋଲା, ୧୦।୨(ସମିସ):** ଆଜି ପୂର୍ବାହ୍ନରେ ନାରୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ନାରୀଗାଁ ଉଚ୍ଚ ବିଦ୍ୟାଳୟ ର ଜୁନିଅର ରେଡ୍‌କ୍ରସ କାଉନସିଲର ସ୍ମିତାରାଣୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏକ ଗରିବ ସହାୟତା ପାଣ୍ଠି ଗଠନ କରି ନାରୀଗାଁ ସ୍କୁଲର ରେଡ୍‌କ୍ରସର ଛାତ୍ର ଛାତ୍ରୀ ମାନେ ଓ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ ମିଳିତରେ ଅର୍ଥ ସଂଗ୍ରହ କରିଥିଲେ। ଉକ୍ତ ବିଦ୍ୟାଳୟରେ ନବମ ଶେଣୀର ଛାତ୍ର ଅମୂଲ୍ୟ ସେଠୀଙ୍କ ବାପାଙ୍କ କର୍କଟ ରୋଗରେ ଅକାଳ ବିୟୋଗ ହୋଇଥିଲା। ଶୋକାକୁଳ ପରିବାରକୁ ପରିବାରକୁ ନାରୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଠନ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ନେଇ ଗଠନ ହୋଇଥିବା ରେଡ୍‌କ୍ରସ ପାଣ୍ଠିରୁ କିଛି ଅର୍ଥ ଅମୂଲ୍ୟଙ୍କ ଘରେ ପହଞ୍ଚି ବିଦ୍ୟାଳୟ ଶିକ୍ଷୟିତ୍ରୀ ସ୍ମିତାରାଣୀ ସ୍ୱାଇଁ ତାଙ୍କ ମା'କୁ ପ୍ରଦାନ କରିଥିଲେ।

## ବିଦଗ୍ଧ ଚିନ୍ତାମଣି କାବ୍ୟର ଇଂରାଜୀ ଅନୁବାଦକଙ୍କୁ ସମ୍ବର୍ଦ୍ଧନା



**ବରୀ, ୧୦।୨(ସମିସ):** ଓଡ଼ିଆ ସାହିତ୍ୟରେ ବିଦଗ୍ଧକବି ଭାବେ ଅଭିମନ୍ୟୁଙ୍କ ପରିଚୟ ସ୍ୱତନ୍ତ୍ର। ତାଙ୍କର କାଳଜୟୀ ରଚନା 'ବିଦଗ୍ଧ ଚିନ୍ତାମଣି' ଓଡ଼ିଆ କାବ୍ୟ ସମ୍ଭାରର ଏକ ଅମୂଲ୍ୟ ସମ୍ପଦ। ଏହାକୁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଯତିନ୍ଦ୍ର ରାଉତ ଇଂରାଜୀ ଅନୁବାଦ କରିଛନ୍ତି। ଅନୁବାଦର ନାମ ରହିଛି 'ଦି ଓଇଲ୍ସ ଅଫ ଦି ଏନଚାଣ୍ଟେଡ ହାର୍ଟ'। ଏହି ବିରଳ ପୁସ୍ତକର ରଚୟିତା ଶ୍ରୀ ରାଉତଙ୍କୁ କବିଙ୍କ ଜନ୍ମ, ସାଧନା ଓ ସମାଧି ପୀଠ ଅଭିମନ୍ୟୁ ବାଲିଆଠାରେ ସମ୍ବର୍ଦ୍ଧିତ କରାଯାଇଛି। ଦୀର୍ଘ ଆଠ ବର୍ଷର ସାଧନା ପରେ ବିଦଗ୍ଧ ଚିନ୍ତାମଣିର କଷ୍ଟଲବ୍ଧ ଶବ୍ଦକୁ ଇଂରାଜୀ ଭାଷାରେ ପରିବର୍ତ୍ତିତ କରିବା ସହିତ ତା'ର ଭାବ ରକ୍ଷା ଉପରେ ଶତପ୍ରତିଶତ ପ୍ରଚେଷ୍ଟା କରାଯାଇଛି ବୋଲି ସମ୍ବର୍ଦ୍ଧନା ଅବସରରେ ପ୍ରଫେସର ରାଉତ ଗଣମାଧ୍ୟମକୁ କହିଛନ୍ତି। ଇଷ୍ଟଦେବ ରାଧାମୋହନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କବିଙ୍କ ବଂଶଜ ତଥା ସମାଜସେବୀ ନିମାଇଁ ରାୟ ଅଧ୍ୟକ୍ଷତା କରିଥିଲେ। ବଂଶଜ କୁଞ୍ଜବିହାରୀ ରାୟ ଓ ମନ୍ମଥ ରାୟ ଅନୁବାଦକ ଶ୍ରୀ ରାଉତଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶମ୍ଭୁନାଥ ରାୟ, ବିଭୂତି ଭୂଷଣ ଜେନା, ସରୋଜ ଜେନା, ବିଦଗ୍ଧାର ନିର୍ଦ୍ଦେଶକ ଶରତ କୁମାର ଜେନା, ସୁବଳ ବଳ ପ୍ରମୁଖ ଉପସ୍ଥିତ ଥିଲେ। ଅନୁବାଦକ ପ୍ରାଧ୍ୟାପକ ଶ୍ରୀ ରାଉତଙ୍କ ଏଭଳି ପ୍ରୟାସକୁ ସାହିତ୍ୟ ପ୍ରେମୀମାନଙ୍କ ପକ୍ଷର ପ୍ରଶଂସା କରାଯାଇଛି।

### ଲଘୁ ଖଣିଜ ସମ୍ପଦ ଲୁଟ ପ୍ରତିବାଦ

## ବିଜେଡିର ଆନ୍ଦୋଳନ ଆଜି

**ଯାଜପୁର, ୧୦।୨(ସମିସ):** ଯାଜପୁର ଜିଲ୍ଲାରେ କ୍ରମଶଃ ଲଘୁ ଖଣିଜ ସମ୍ପଦର ଲୁଟ ଚାଲିଛି। ଜିଲ୍ଲାର ବିଭିନ୍ନ ତହସିଲ ଅଞ୍ଚଳରେ ଥିବା ବାଲି, ମାଟି, ମୋରମ, ପଥର ଗୁଡିକୁ ମନ ଇଚ୍ଛା ମାଫିଆ ମାନେ ଲୁଟିବାରେ ଲାଗିଛନ୍ତି। ଫଳରେ ସରକାର ରାଜସ୍ୱ ହରାଉଥିବା ବେଳେ ମାଫିଆ ମାନେ ମାଲେ ମାଲ ହେଉଛନ୍ତି। ପ୍ରଶାସନର ନିରବତା ର ସୁଯୋଗ ନେଇ ମାଫିଆ ମାନେ ଏଭଳି ଲଘୁ ଖଣିଜ ସମ୍ପଦକୁ ଲୁଟିବାରେ ଲାଗିଛନ୍ତି। ଯାହାକୁ ନେଇ ତେଜିବାରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସେହିପରି ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ହୋଇଥିବା ଅଭିଯୋଗ କରିଛି ବିଜୁ ଜନତା ଦଳ। ସରକାରୀ ଦଳର ଗୁଣ୍ଡାଗର୍ଦ୍ଦି ପ୍ରତିବାଦରେ ଜନଅସନ୍ତୋଷ ଦେଖିବାକୁ ମିଳିଛି। ଏହାର ପ୍ରତିବାଦରେ ଆସନ୍ତାକାଲି ଯାଜପୁର ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଜିଲ୍ଲାର ୭ଟି ନିର୍ବାଚନ ମଣ୍ଡଳୀର ହଜାର ହଜାର ବିଜୁ ଜନତା ଦଳର କର୍ମୀ କୁସୁମା ପଡ଼ିଆ ରେ ଏକତ୍ରିତ ହୋଇ ଏକ ପଦଯାତ୍ରା ରେ ଯାଇ ଜିଲ୍ଲାପାଳ ଅଫିସ ସମ୍ମୁଖରେ ପହଞ୍ଚି ପ୍ରତିବାଦ ସଭା ଆୟୋଜନର କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।

## ବିରଜା ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




**ଯାଜପୁର, ୧୦।୨ (ସମିସ):** ବିରଜା ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଦିନ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁକାନ୍ତିଲତା ସାହୁଙ୍କ ସଭାପତିତ୍ୱରେ ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଡ. ହରିଶଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ବିନୋଦ ବିହାରି ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଗୌର ସୁନ୍ଦର ଦାସ ଯୋଗ ଦେଇଥିଲେ। ସାଂସ୍କୃତିକ ଉପସଭାପତି ଅଧ୍ୟାପିକା ଅନିତା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ମହାବିଦ୍ୟାଳୟର ୨୦୨୪-୨୫ର ବେଷ୍ଟ ଗ୍ରାଜୁଏଟ ଅର୍ପିତା ପ୍ରିୟଦର୍ଶିନୀ ମିଶ୍ର, ସଂସ୍କୃତ ସମ୍ମାନରେ ସର୍ବୋଚ୍ଚ ନମ୍ବର ରଖିଥିବା ରାମେଶ୍ୱରୀ ଦାସ, ଆଥଲେଟିକ କ୍ୟାମ୍ପେନ ସୋନାଲିକା ପଣ୍ଡା ତଥା ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ପ୍ରକାଶ କୁମାର ଲାଲାଙ୍କର ନିରବଚ୍ଛିନ୍ନ କାର୍ଯ୍ୟଶୈଳୀ, ଏନଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ବିଶ୍ୱଜିତ ନାୟକ ଏବଂ ୱାଇଆରସି କାଉନସିଲର ପର୍ଶୁରାମ ନାୟକଙ୍କର ରାଜ୍ୟସ୍ତରୀୟ ଶିବିରରେ ଉଚ୍ଚକୋଟିର କାର୍ଯ୍ୟ ପାଇଁ ମହାବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଇଥିଲା। କ୍ରୀଡ଼ା ଉପସଭାପତି ଡ. ମଧୁଲିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଟାଉନ ଥାନାର ନୂତନ ଥାନାଧିକାରୀ



**ଯାଜପୁର, ୧୦।୨(ସମିସ):** ଯାଜପୁର ଟାଉନ ଥାନାରେ ନୂତନ ଥାନାଧିକାରୀ ଭାବେ ଶରତ କୁମାର ନାୟକ ମଙ୍ଗଳବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଦଶରଥପୁର ଥାନାରୁ ବଦଳି ହୋଇ ଯାଜପୁର ଟାଉନ ଥାନାରେ ଥାନାଧିକାରୀ ଭାବେ ନିଯୁକ୍ତି ପାଇଥିଲେ। ସେହିପରି ଅତିରିକ୍ତ ଥାନାଧିକାରୀ ଭାବେ ଦିଲ୍ଲୀପ କୁମାର ମହାନ୍ତି ମଙ୍ଗଳବାର ଦିନ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଇନ୍ସପେକ୍ଟର ଦିଲ୍ଲୀପ ମହାନ୍ତି ବଦଳି ହୋଇ ଯାଜପୁର ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ। ଯାଜପୁର ଟାଉନ ଥାନା ଏକ ଗୁରୁତ୍ୱପୂର୍ଣ୍ଣ ଥାନା ଭାବେ ପରିଗଣିତ। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କୁ ଦର୍ଶନ କରିବା ନିମନ୍ତେ ବିଭିନ୍ନ ସ୍ଥାନରୁ ବହୁ ଗୁରୁତ୍ୱପୂର୍ଣ୍ଣ ପଦବିରେ ଥିବା ବ୍ୟକ୍ତି ବିଶେଷ ଆସୁଥିବା ବେଳେ ମନ୍ତ୍ରୀ, ସାଂସଦ, ବିଧାୟକଙ୍କ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିବା ସହ ସମୀକ୍ଷା ବୈଠକରେ ଯୋଗ ଦେଇଥାନ୍ତି। ଏପରିକି ପ୍ରତିଦିନ ବିକ୍ଷୋଭ, ଧାରଣା ଲାଗି ରହିଥିବାରୁ ନୂତନ ଥାନାଧିକାରୀ ଏହାକୁ କିପରି ପରିଚାଳନା କରିବେ ଏବଂ ତାଙ୍କ ଦକ୍ଷତାର ପରିଚୟ ଦେବେ ତାହା ଆଗାମୀ ଦିନରେ ଜଣାପଡ଼ିବ।

## ବିରଜା ବିଶ୍ୱରୂପା ମହାଯଜ୍ଞ ଶୁଭଖୁଣ୍ଟି ସ୍ଥାପନ

କୁଆଖିଆ, ୧୦।୨(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ନଠୁଆବର, ଜାବରା, ଶ୍ରୀବନ୍ତପୁର, ଟିକରପଡ଼ା, ଗନ୍ଧଣ, ବଡକଇଁଚି ଆଦି ପଞ୍ଚାୟତର ସହଯୋଗରେ ନଠୁଆବର ଓ ଶ୍ରୀବନ୍ତପୁର ପଞ୍ଚାୟତର ସୀମାନ୍ତବର୍ତ୍ତି ଅଞ୍ଚଳର ଖରସ୍ରୋତା ନଦୀର ତଟବର୍ତ୍ତି ତ୍ରିକୋଣ ଭୂମୀ (ଖିରନଦୀ ପଠା)ରେ ୨୮ ମାର୍ଚ୍ଚରୁ ମା' ବିଶ୍ୱରୂପା ବିରଜାଙ୍କ ଚତୁର୍ଥ ବାର୍ଷିକୀ ବିଶ୍ୱକଲ୍ୟାଣ ମହାଯଜ୍ଞ ଓ ସାଧୁସନ୍ଥ ସମ୍ମିଳନୀ ଆରମ୍ଭ ହେବାକୁ ଯାଉଛି। ଏଥି ସକାଶେ ସୋମବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏଥି ସକାଶେ ଆୟୋଜିତ ପୂଜା କାର୍ଯ୍ୟକୁ ପାରମ୍ପାରିକ ରୀତିନୀତି ସହ ସମ୍ପନ୍ନ କରାଯାଇ ଧ୍ୱଜା ସ୍ଥାପନ କରାଯାଇଥିଲା। ଏହାଛଡା ଯଜ୍ଞର ମୁଖ୍ୟ ପୁରୋଧା ବିରାଜପୁତ୍ର ସ୍ୱାମୀ ଉଦୟାନନ୍ଦ ପର୍ବତ ମହାରାଜଙ୍କ ଦ୍ୱାରା ଯଜ୍ଞ ଓ ସାଧୁସନ୍ଥ ସମ୍ମିଳନୀର ରୂପରେଖ ନିର୍ଦ୍ଧାରଣକୁ ନେଇ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। ଏ ନେଇ ଆଞ୍ଚଳିକ କମିଟିର କାର୍ଯ୍ୟକର୍ତ୍ତାମାନଙ୍କ ସହ ଆବାହକ ସ୍ୱାମୀ ପର୍ବତ ମହାରାଜ ଆଲୋଚନା କରିଥିଲେ। କମିଟିର ସଭାପତି ଦଶରଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସ୍ୱାମୀଜୀ ସମ୍ମିଳନୀର ରୂପରେଖ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିବା ସହ ଏଥିରେ ଯୋଗଦେବାକୁ ଆସୁଥିବା ସାଧୁସନ୍ଥମାନଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏଥିରେ ଦେଶର ବିଭିନ୍ନ ଆଖଡାରୁ ୫୦ରୁ ଉର୍ଦ୍ଧ୍ୱ ସାଧୁସନ୍ଥ ଯୋଗଦେବେ। ଏହା ସହିତ ଉତ୍କଳ ପୀଠାଧିଶ୍ୱର ଜଗତଗୁରୁ ରାମାନନ୍ଦ ଆଚାର୍ଯ୍ୟ ଡ. ସ୍ୱାମୀ ଅରୁପାନନ୍ଦ ମହାରାଜ, ରେକି ମିଶନର ସର୍ବଭାରତୀୟ ସନ୍ଥମାନେ ସମ୍ମିଳନୀର ଯୋଗଦେବେ। ଚଳିତବର୍ଷ ଏହି ସମୟରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ୪ରୁ ଉର୍ଦ୍ଧ୍ୱ ଯଜ୍ଞ ଉତ୍ସବର ଆୟୋଜନ କରାଯିବା ପାଇଁ ପ୍ରସ୍ତୁତି ପର୍ବ ଜାରି ରହିଛି। ଏହା ପରେ ଦେବାଶିଷ ସ୍ୱାଇଁ, ରଞ୍ଜନ ପଣ୍ଡା, ଶ୍ରୀମନ୍ତ ଶତପଥୀ, ସନ୍ତୋଷ ପଣ୍ଡା, ନିରଞ୍ଜନ ପଣ୍ଡା, ବିଜୟ ମଲିକ, ଅନନ୍ତ ପୁହାଣ, ବେଣୁଧର ନାୟକ, ବିମ୍ବାଧର ବିଶ୍ୱାଳ, ପ୍ରଦୀପ ସାମଲ, ଜଗନ୍ନାଥ ପଣ୍ଡା ପ୍ରମୁଖଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି।

### ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟ

# ପ୍ରଧାନ ଶିକ୍ଷକଙ୍କ ଡେପୁଟେସନକୁ ନେଇ ତେଜୁଛି ଅସନ୍ତୋଷ

**ମଙ୍ଗଳପୁର, ୧୦।୨(ସମିସ)**

ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର କାଣ୍ଡିଙ୍କୁ କିଛିଦିନ ହେବ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୬ଦିନିଆ (ଫୁଲ ଟାଇମ) ଡେପୁଟେସନରେ ବ୍ଲକର ବାଘୁଆଶୁଣି ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯିବାକୁ ନେଇ ଏବେ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଉ ମାତ୍ର ୮ ଦିନ ପରେ ମାଟ୍ରିକ ପରୀକ୍ଷା ଓ ମାଟ୍ରିକ ପରୀକ୍ଷା ସରିବାର ଅଳ୍ପ ଦିନ ପରେ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କର ବାର୍ଷିକ ପରୀକ୍ଷା ହେବାକୁ ଥିବା ବେଳେ ଏଭଳି ଗୁରୁତ୍ୱପୂର୍ଣ୍ଣ ସମୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ କାଣ୍ଡିଙ୍କୁ ୬ଦିନିଆ ତଥା ଫୁଲ ଟାଇମ ପାଇଁ ଡେପୁଟେସନରେ ଅନ୍ୟ ବିଦ୍ୟାଳୟକୁ ବଦଳି କରିବା ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାହା ଫଳରେ ବର୍ତ୍ତମାନ ବିଦ୍ୟାଳୟରେ ଶିକ୍ଷାଦାନରେ ବାଧା ସୃଷ୍ଟି ହେବା ସହ ଅଫିସ କାର୍ଯ୍ୟରେ ମଧ୍ୟ ବହୁ ବାଧା ସୃଷ୍ଟି ହେଉଛି। ଶ୍ରୀଯୁକ୍ତ କାଣ୍ଡି ଡେପୁଟେସନରେ ଯିବା ପରେ ଆଜି ପର୍ଯ୍ୟନ୍ତ ବର୍ତ୍ତମାନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଫାଇନାନ୍ସିଆଲ ଚାର୍ଜ ଦେଇନଥିବାରୁ ବିଦ୍ୟାଳୟର ଉନ୍ନୟନ କାର୍ଯ୍ୟ ଓ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଫୁଲଟାଇମ ଡେପୁଟେସନ କରିବାର ନିୟମ ନ ଥିବା ବେଳେ କିପରି ଭାବେ ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର କାଣ୍ଡିଙ୍କୁ ଫୁଲଟାଇମ ପାଇଁ ଡେପୁଟେସନରେ ଅନ୍ୟ ବିଦ୍ୟାଳୟକୁ ବଦଳି କରାଯାଇଛି ଏହି ଘଟଣା ଉପରେ ଯାଜପୁର ଜିଲ୍ଲାପାଳ ଦୃଷ୍ଟି ଦେବା ସହ ତାଙ୍କ ଫୁଲଟାଇମ ଡେପୁଟେସନକୁ ବାତିଲ କରିବା ପାଇଁ ଅଭିଭାବକ ମହଲରେ ଦାବି ହୋଇଛି।

## ବସ୍‌ରେ ଭିନ୍ନକ୍ଷମଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ଯାଜପୁର, ୧୦।୨(ସମିସ):** ଯାଜପୁର ଜିଲ୍ଲାରେ ଚଳାଚଳ କରୁଥିବା ବସ ଗୁଡିକରେ ଶାରୀରିକ ଭିନ୍ନକ୍ଷମମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ସାମାଜିକ କର୍ମୀ ମଣ୍ଟୁ ଦାସ ଏ ସଂକ୍ରାନ୍ତରେ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ଜିଲ୍ଲାପାଳ ଯାଜପୁର ଓ ଚଣ୍ଡିଖୋଲ ପରିବହନ ଅଧିକାରୀଙ୍କୁ କୈଫିୟତ ତଲବ କରିଛନ୍ତି। ଏ ସଂକ୍ରାନ୍ତରେ ପ୍ରତ୍ୟେକ ବସ କର୍ମଚାରୀ ଓ ମାଲିକଙ୍କୁ ଅବଗତ କରିବା ସହ ଆସନ୍ତା ୫ ଦିନ ମଧ୍ୟରେ ଏହାର ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ଟାର୍ଗେଟ ବାଣ୍ଟିବାରେ ପାତରଅନ୍ତର ନୀତି

# ମଣ୍ଡିରେ ପଡ଼ି ରହିଛି ଶହଶହ କ୍ୱିଣ୍ଟାଲ ଧାନ

ବାରିକପୁର,୧୦।୨(ସମିସ): ଚଳିତ ବର୍ଷ ଧାନ ମଣ୍ଡି ଖୋଲିବା ବିଳମ୍ବିତ ହୋଇଥିବାବେଳେ ପ୍ରଶାସନ ପକ୍ଷରୁ ଅଦ୍ୟାବଧି ବ୍ୟବସ୍ଥା ତ୍ୱରାନ୍ୱିତ ହୋଇପାରିନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଧାନ କିଣିବା ପାଇଁ ରାଜ୍ୟରୁ ଯେଉଁ ଟାର୍ଗେଟ ଆସିଛି ତାକୁ ଜିଲ୍ଲା ପ୍ରଶାସନ ସଠିକ୍ ଭାବେ ବଣ୍ଟନ କରୁନାହିଁ। ଏଥିରେ ପାତରଅନ୍ତର ନୀତି ଅବଲମ୍ବନ ହେଉଥିବା ଜଣାପଡ଼ିଛି। ଫଳରେ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳର ହଜାର ଚାଷୀ ଅଦ୍ୟାବଧି ଧାନ ବିକ୍ରୟରୁ ବଞ୍ଚିତ ହୋଇ ହନ୍ତସନ୍ତ ହେଉଛନ୍ତି। ଆବଶ୍ୟକ ଟାର୍ଗେଟ ବିନା ବ୍ଲକ୍‌ର ୧୬ଟି ମଣ୍ଡିରେ ଶହଶହ କ୍ୱିଣ୍ଟାଲ ଧାନ ଗଦା ହୋଇ ରହିଛି।



ସୂଚନା ମୁତାବକ, ଆଦି ଶକ୍ତି ଏସ୍ଏଚ୍‌ଜି ମଣ୍ଡିକୁ ପ୍ରାଥମିକ ପର୍ଯ୍ୟାୟରେ ମୋଟ୍ ୧୦ ହଜାର ୨୬୯ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ଆସିଥିବାବେଳେ ଅଦ୍ୟାବଧି ୧୦ ହଜାର ୨୪୦ କ୍ୱିଣ୍ଟାଲ କିଣା ହୋଇଛି। ସେହିଭଳି ଆସ୍ଥା ମନ୍ତ୍ରବାସିନୀ ଏସ୍ଏଚ୍‌ଜି ୮୬୭୦ରୁ ୮୩୩୫, ବାଲିପୋଖରୀ ସମିତି ୯୧୦୩ରୁ ୪୮୮୫, ଜଳମଣ୍ଡୁଆ ସମିତି ୧୬୪୫୬ରୁ ୧୫୦୩୬, ମା' ବଡ଼ମ୍ମା ଏସ୍ଏଚ୍‌ଜି ୭୧୬୬ରୁ ୬୩୦୩, ମା' ଦୁର୍ଗା ଏସ୍ଏଚ୍‌ଜି ୬୪୦୭ରୁ ୫୬୬୭, ମାଳଦା ସମିତି ୧୦୪୦୬ରୁ ୭୧୩୯, ନାଆମୀ ସମିତି ୧୩୪୧୨ରୁ ୧୦୬୪୫, ନାରାୟଣପୁର ସମିତି ୧୦୫୯୫ ରୁ ୯୯୭୯, ନେରଡ଼ା ସମିତି ୭୪୭୦ରୁ ୫୦୪୫, ମା' ଦୁର୍ଗା ଏସ୍ଏଚ୍‌ଜି (ଖ) ୭୦୦୩ରୁ ୬୦୬୦, ଓମ୍ ବାବାମଣି ଏସ୍ଏଚ୍‌ଜି ୭୨୧୨ରୁ ୬୯୪୧, ରହଣିଆ ସମିତି ୧୪୧୭୧ରୁ ୧୩୯୫୩, ଶକ୍ତି ସ୍ୱରୂପା ଏସ୍ଏଚ୍‌ଜି ୬୫୪୫ରୁ ୫୨୨୫, ଶିରିଡ଼ି ସାଇ ଏସ୍ଏଚ୍‌ଜି ୯୭୮୪ରୁ ୯୦୮୯ ଓ ତେସିଙ୍ଗା ସମିତି ଟାର୍ଗେଟ ପାଇଥିବା ୧୧୨୨୪ କ୍ୱିଣ୍ଟାଲରୁ ୧୦୯୩୬ କ୍ୱିଣ୍ଟାଲ ଧାନ କ୍ରୟ କରିଛି। ଏବେ ସୁଦ୍ଧା ବିଭିନ୍ନ ମଣ୍ଡିରେ ପ୍ରାୟ ୪୦ ପ୍ରତିଶତ ଧାନ ପଡ଼ିରହିଛି। ମିଲରମାନେ ସଠିକ୍ ଭାବେ ଶସ୍ୟ ସ୍ଥାନାନ୍ତରିତ ପାଇଁ ଇଚ୍ଛା ପ୍ରକାଶ କରୁ ନ ଥିବାବେଳେ ଜିଲ୍ଲା ପ୍ରଶାସନ ମଧ୍ୟ ଅନ୍ୟ ବ୍ଲକ୍ ତୁଳନାରେ ଭଣ୍ଡାରିପୋଖରୀ ବ୍ଲକ୍‌କୁ ଧାନ କ୍ରୟ ପାଇଁ ଅପେକ୍ଷାକୃତ କମ୍ ଟାର୍ଗେଟ ଦେଉଛି। ଏପରିସ୍ଥଳେ ଚାଷୀମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଧାନ ବିକିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଅଧା ହେଲାଣି ଧାନକ୍ରୟ ଅବଧି | ଆସିଛି ଏକ ଚତୁର୍ଥାଂଶ ଟାର୍ଗେଟ୍

ଭଣ୍ଡାରିପୋଖରୀ,୧୦।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ୧୬ଟି ଅନୁମୋଦିତ ମଣ୍ଡିକୁ ମଙ୍ଗଳବାର ସୁଦ୍ଧା ୧ ଲକ୍ଷ ୫୫ ହଜାର ୪୯୩ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ଆସିଛି। ସେଥିମଧ୍ୟରୁ ୨୯୫୯ ପଞ୍ଜିକୃତ ଚାଷୀଙ୍କଠାରୁ ୧ ଲକ୍ଷ ୩୬ ହଜାର ୧୧୩ କ୍ୱିଣ୍ଟାଲ ଧାନ କ୍ରୟ ହୋଇଛି। କ୍ରୟ ଧାନ ମଧ୍ୟରୁ ୯୩ ହଜାର ୨୬୬ କ୍ୱିଣ୍ଟାଲ ଧାନ ଟ୍ୟାଗ୍ ମିଲରକୁ ପରିବହନ ହୋଇଛି ବୋଲି ଜିଲ୍ଲା ଯୋଗାଣ ବିଭାଗ ସୂତ୍ରରୁ ପ୍ରକାଶ। ଚଳିତ ବର୍ଷର ଏହି ଧାନକ୍ରୟ ପରିମାଣ ୨୦୨୪-୨୫ ଆର୍ଥିକ ବର୍ଷର ମୋଟ ଧାନକ୍ରୟ ପରିମାଣର ଏକ ଚତୁର୍ଥାଂଶ ବୋଲି ଜଣାଯାଇଛି। ଇତି ମଧ୍ୟରେ ଧାନ କ୍ରୟ ସମୟସୀମାର ଅଧା ବିତିଗଲାଣି। ମାର୍ଚ୍ଚ ୩୧ ତାରିଖ ଧାନକ୍ରୟର ଶେଷ ଦିନ ଅଟେ। ବାକି ୪୮ ଦିନ ମଧ୍ୟରେ ପଞ୍ଜୀକରଣ କରିଥିବା ଅବଶିଷ୍ଟ ୯ ହଜାର ଚାଷୀଙ୍କଠାରୁ ତିନି ଚତୁର୍ଥାଂଶ ଧାନ କ୍ରୟ କରିବା ମଣ୍ଡିଗୁଡ଼ିକ ପାଇଁ ଜଟିଳ ସମସ୍ୟା ସୃଷ୍ଟି କରିବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଯୋଗାଣ ବିଭାଗ ଦ୍ୱାରା ମଣ୍ଡିଗୁଡ଼ିକୁ ଟାର୍ଗେଟ ପ୍ରଦାନରେ ଶିଥିଳତା ଓ ମଣ୍ଡିରୁ ଧାନ ପରିବହନ କରିବାରେ ମିଲରମାନଙ୍କ ଅସହଯୋଗ ମନୋବୃତ୍ତି ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଚାଷୀମାନଙ୍କୁ ପ୍ରଦାନ କରାଯାଇଥିବା ଟୋକନ୍ ଅବଧିର ସମୟ ପୂରଣ ହୋଇ ଲାପ୍ସ ହେବାକୁ ଯାଉଥିବାରୁ ଚାଷୀକୂଳ ଚିନ୍ତିତ ହୋଇ ପଡ଼ିଛନ୍ତି। ମଣ୍ଡିକୁ ବିକ୍ରୟ ପାଇଁ ଧାନ ନେଇ ମାସ ମାସ ଧରି ଅନିଶ୍ଚିତତା ମଧ୍ୟରେ ଜଗି ରଖି ବିକ୍ରୟ ପାଇଁ ଅପେକ୍ଷା କରିବାକୁ ପଡୁଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି।

## ଟୋକନ ଲାପ୍ସ ଆଶଙ୍କାରେ ଚାଷୀ

ବନ୍ତ/ଆଗରପଡ଼ା,୧୦।୨(ସମିସ): ନିର୍ଦ୍ଧାରିତ ତାରିଖ ଆରମ୍ଭରୁ ମଣ୍ଡିରୁ ଧାନ ଉଠି ନ ଥିବାରୁ ଟୋକନ୍ ଲାପ୍ସ ହୋଇପାରେ, ଏହି ଆଶଙ୍କାରେ ଅଛନ୍ତି ଚାଷୀ। ଆଗରପଡ଼ାସ୍ଥିତ ପୁରୁଷଣ୍ଡ ସେବା ସମବାୟ ସମିତି ମଣ୍ଡିରୁ ୪୦ ହଜାର କ୍ୱିଣ୍ଟାଲ ଧାନ ବିକ୍ରୟ କରିବାର ଆକଳନ କରାଯାଇ ସ୍ଥିର ହୋଇଛି। ମିଲର ଓ ପ୍ରଶାସନିକ ସ୍ତରରେ ଚୂଡ଼ାନ୍ତ ନିଷ୍ପତ୍ତି ହେବା ପରେ ବିଳମ୍ବରେ ଧାନ କ୍ରୟ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେଣୁ ଶେଷ ଆଡ଼କୁ ଯେଉଁ ସବୁ ଟୋକନ୍ ମିଳିଛି, ସେହି ଚାଷୀଙ୍କ ଟୋକନରେ ଧାନ ଉଠିପାରିବ ତ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମଙ୍ଗଳବାର ସୁଦ୍ଧା ପାଖାପାଖି ୧୩ ହଜାର କ୍ୱିଣ୍ଟାଲ ଧାନ ବିକ୍ରୟ ପାଇଁ ୩ଟି ମିଲର ସହ ଏହି ସମିତି ଅନୁବନ୍ଧିତ କରିଥିଲା।



ଏତିକି ପରିମାଣରେ ଧାନ କ୍ରୟ ପରେ ଅବଶିଷ୍ଟ ଚାଷୀଙ୍କ ଧାନ କେଉଁ ମିଲର ନେବ ତାହା ଖବର ଲେଖା ହେବା ବେଳକୁ ସ୍ଥିର ହୋଇପାରି ନ ଥିବାର ଜଣାପଡ଼ିଛି। ତେଣୁ ଚାଷୀମାନେ ଧାନ ବିକ୍ରୟକୁ ନେଇ ଆଶା ଓ ଆଶଙ୍କା ମଧ୍ୟରେ ରହିଛନ୍ତି।

## ଏନ୍ଏସି କର୍ମଚାରୀଙ୍କ ହୃଦ୍‌ଘାତରେ ପରଲୋକ

ଧାମନଗର,୧୦।୨(ସମିସ): ଧାମନଗର ଏନ୍ଏସି କାର୍ଯ୍ୟାଳୟରେ କାର୍ଯ୍ୟରତ ୪ର୍ଥ ଶ୍ରେଣୀ କର୍ମଚାରୀ ଫକୀର ମହାପାତ୍ର(୫୮)ଙ୍କର ଅକାଳ ବିୟୋଗ ଘଟିଛି। ସୋମବାର କାର୍ଯ୍ୟାଳୟରେ ସେ କାର୍ଯ୍ୟରତ ଥାଇ ମଧ୍ୟାହ୍ନ ଭୋଜନ ଖାଇସାରି ଅଫିସକୁ ଫେରିବା ସମୟରେ ଦିନ ପ୍ରାୟ ୨ଟାରେ କାର୍ଯ୍ୟାଳୟ ଗେଟ୍ ସମ୍ମୁଖରେ ହଠାତ୍ ପଡ଼ିଯାଇ ଚେତାଶୂନ୍ୟ ହୋଇଯାଇଥିଲେ। ତୁରନ୍ତ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଧାମନଗର ଡାକ୍ତରଖାନାକୁ ନେଇଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଡାକ୍ତର ସଙ୍ଗେ ସଙ୍ଗେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ଖବର ପ୍ରସାରିତ ହେବା ପରେ ବିଭିନ୍ନ କାର୍ଯ୍ୟାଳୟ ଓ ଅଧିକାରୀ ମହଲରେ ଗଭୀର ଦୁଃଖ ପ୍ରକାଶ ପାଇଥିବାବେଳେ ଶୋକର ଛାୟା ଖେଳିଯାଇଛି। ଏନ୍ଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ୱାସୀମ୍ ଏସ୍‌ଦାନି କାଦରୀ, କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ ଏବଂ କର୍ମଚାରୀ ଓ କାଉନ୍‌ସିଲର ପ୍ରମୁଖ ମେଡିକାଲରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୃତ ଫକୀର ମହାପାତ୍ରଙ୍କ ଘର ବାଙ୍କୀ ଥାନା ଅଞ୍ଚଳରେ ବୋଲି ସୂଚନା ମିଳିଛି।



## ସେନା ତାଲିମ କେନ୍ଦ୍ର 'ଅଗ୍ନିବୀର' ଉଦ୍‌ଘାଟିତ

ଦୋବଲ,୧୦।୨(ସମିସ): ଓଡ଼ିଶାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଛାତ୍ରଛାତ୍ରୀଙ୍କ ନିମନ୍ତେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱ ଦେଉଛନ୍ତି। ନିଯୁକ୍ତି କ୍ଷେତ୍ରରେ ଧାମନଗର ଅଞ୍ଚଳର ଯୁବକଯୁବତୀଙ୍କ ପାଇଁ ନୂଆ ସୁଯୋଗ ଆଣିଛନ୍ତି ରାଜ୍ୟ ସରକାର। ସେନାରେ ଭର୍ତ୍ତି ହୋଇ ଦେଶ ସେବା କରିବାର ସ୍ୱପ୍ନ ଦେଖୁଥିବା ଗ୍ରାମାଞ୍ଚଳର ପିଲାମାନଙ୍କୁ ନିଜ ଅଞ୍ଚଳରେ ହିଁ ମିଳିବ ଉପଯୁକ୍ତ ପ୍ରଶିକ୍ଷଣ। ଏହି ଉଦ୍ଦେଶ୍ୟରେ ଧାମନଗର କଲେଜ ପରିସରରେ ଭାରତୀୟ




ସେନା ପକ୍ଷରୁ ଏକ ମିଲିଟାରୀ ଟ୍ରେନିଂ କ୍ୟାମ୍ପ (ଅଗ୍ନିବୀର) ପ୍ରତିଷ୍ଠା ହୋଇଛି। ଏହାକୁ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଶୁଭ ଉଦ୍‌ଘାଟନ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ରାଉତରାଏ ଓ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ବେଜ। ବିଶେଷ କରି 'ଅଗ୍ନିବୀର' ଯୋଜନାରେ ନିଯୁକ୍ତି ପାଇବା ଉଦ୍ଦେଶ୍ୟରେ ଏଠାରେ ପ୍ରାଥମିକ ପର୍ଯ୍ୟାୟରେ ୧୦୦ ଜଣ ଯୁବକଯୁବତୀଙ୍କୁ ଚୟନ କରାଯାଇ ତାଲିମ ପ୍ରଦାନ କରାଯିବାର ଯୋଜନା ରହିଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରଚେଷ୍ଟାରେ ଏହି ତାଲିମ କେନ୍ଦ୍ର ପ୍ରତିଷ୍ଠା ସମ୍ଭବ ହୋଇପାରିଥିବାରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ବେଜ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ଭଦ୍ରକ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି କୈଳାସ ମହାପାତ୍ର, ଅରବିନ୍ଦ ପତି, ସମାଜସେବୀ ମନୋରଞ୍ଜନ ମଲ୍ଲିକ, ସାଂସଦ ପ୍ରତିନିଧି ସରୋଜ ମହାପାତ୍ର, ଅଧ୍ୟାପକ-ଆଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ, ସାମ୍ବାଦିକ ବନ୍ଧୁ ଓ ଦଳୀୟ କର୍ମକର୍ତ୍ତା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଖଗେଶ୍ୱର ସରକାରୀ ୟୁପି ସ୍କୁଲ୍‌ର ବାର୍ଷିକ ଉତ୍ସବ



ବନ୍ତ/ଆଗରପଡ଼ା,୧୦।୨(ସମିସ): ବନ୍ତ ବ୍ଲକ୍ ଛୟାଳସିଂହ ଖଗେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ବନ୍ତ ବ୍ଲକ୍ ଶିକ୍ଷାଧିକାରିଣୀ ସୁକୀର୍ତ୍ତି କର, ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅଜୟ କୁମାର ପୃଷ୍ଟି, ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶଶିଶେଖର କରଶର୍ମା, ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଖଗେଶ୍ୱର ପଣ୍ଡା, ବିଆର୍‌ସିସି ହରେକୃଷ୍ଣ ଆପଟ, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଭାଗିରଥି ପାତ୍ର, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଅଲେଖ ଚନ୍ଦ୍ର ନାୟକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗିରିଜା ଶଙ୍କର ଲେଙ୍କା, ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଶିକ୍ଷାବିତ୍ ରତ୍ନାକର ବାଇ, ଅନିଲ ନାୟକ, ଶିକ୍ଷୟିତ୍ରୀ ରାଜଶ୍ରୀ ନାୟକ, ସୁକାନ୍ତି ବିଶ୍ୱାଳ, ପରିଚାଳନା କମିଟି ସଭାପତି ଦିଲ୍ଲୀପ କୁମାର ସେଠୀ, ସଂଜୀବ କୁମାର ଦାସ, ଜଗନ୍ନାଥ ନାଥ, କୁଳମଣି ସାହୁ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ଓ ଅଷ୍ଟମ ଶ୍ରେଣୀ ଛାତ୍ର ସାଇ ସଂକେତ ଦାସଙ୍କ ଦ୍ୱାରା ବେଦ ପଠନ କରାଯାଇଥିବା ବେଳେ ଶିକ୍ଷକ ଭରତ ଚନ୍ଦ୍ର ଓଝା ଅତିଥି ପରିଚୟ, ଶିକ୍ଷୟିତ୍ରୀ ଅନିମା ଦାସ ବାର୍ଷିକ ବିବରଣୀ ପଠନ କରିଥିବାବେଳେ ଶିକ୍ଷକ ଅନିରୁଦ୍ଧ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ଶିକ୍ଷାକ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ନାୟକ, କିଶୋର ଚନ୍ଦ୍ର ନାୟକ, ଗୋପବନ୍ଧୁ ସାହୁ, ବିଜୟ କୁମାର ପାକଳ, ସୁଶାନ୍ତ ଦାସ, ବିଷ୍ଣୁମୋହନ ବେହେରା, ବିଦ୍ୟାଧର ସାହୁ, ଯଶୋଦା ପଣ୍ଡା, ପ୍ରତିଭା ପଣ୍ଡା, ସସ୍ମିତା ପାଣିଗ୍ରାହୀ, ପ୍ରତିଭା ପାଣିଗ୍ରାହୀ, ମେନକା ସାହୁ, ସବିତା ସାହୁ ସହଯୋଗ କରିଥିଲେ।

## ସାମ୍ବାଦିକ ରାଧାଶ୍ୟାମ ବେହେରାଙ୍କ ସ୍ମୃତିଚାରଣ ସଭା




ଭଦ୍ରକ,୧୦।୨(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଏବଂ ଓଡ଼ିଶାର ସାମ୍ବାଦିକ ଭୂଷଣ, ସାମ୍ବାଦିକ ଗୌରବ, ବିଶିଷ୍ଟ ଜନଦରଦୀ ସମାଜସେବୀ, ଚାନ୍ଦବାଲି ବିକାଶ ଯାତ୍ରାର ଅନ୍ୟତମ ପୁରୋଧା ସାମ୍ବାଦିକ ରାଧାଶ୍ୟାମ ବେହେରାଙ୍କ ୧୯ତମ ଶ୍ରାଦ୍ଧୋତ୍ସବରେ ଏକ ସ୍ମୃତିଚାରଣ ସଭା ବରିଷ୍ଠ ନାଗରିକ ସାଧନ କେନ୍ଦ୍ର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଧାଶ୍ୟାମ ବେହେରା ସ୍ମୃତି ସଂସଦର ସଭାପତି ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ ସଭାପତିତ୍ୱ କରିଥିବାବେଳେ ସଂସଦର ସମ୍ପାଦକ ଶିକ୍ଷକ ଅମୂଲ୍ୟ କୁମାର ରାଉତ ଅତିଥି ପରିଚୟ ଓ ସଂକ୍ଷିପ୍ତ ସୂଚନା ଏବଂ ଏକ ଅମ୍ଳାନ ଦିନ ଶିଖାର ସମ୍ପାଦକ ସତ୍ୟ ପ୍ରକାଶ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ବିଡିଓ ସଞ୍ଜୀବ ମହାପାତ୍ର, ମୁଖ୍ୟବକ୍ତା ଓକିଲ ସଂଘର ସଭାପତି ଆଇନଜୀବୀ ଉପେନ୍ଦ୍ର କୁମାର ରାଉଳ, ବିଶିଷ୍ଟ ଅତିଥି ଓଡ଼ିଶା ଖାଉଟି ସମବାୟ ମହାସଂଘର ସଭାପତି ପ୍ରତାପ ଚନ୍ଦ୍ର ଧଳ, ବରେଣ୍ୟ ଅତିଥି ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର, ସମ୍ମାନିତ ଅତିଥି ସମାଜସେବୀ ତାରାପଦ ମହାନ୍ତି, ବରିଷ୍ଠ ନାଗରିକ ପରିଷଦର ସମ୍ପାଦକ ପ୍ରମୋଦ ଚନ୍ଦ୍ର ତ୍ରିପାଠୀ, ପରିବେଶବିତ୍ ସୁଧୀର ମହାନ୍ତି ଓ ଗାଳ୍ପିକ ଡ. ଗୋପାଳ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ରାଧାଶ୍ୟାମ ବେହେରାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ତାଙ୍କ ନିଷ୍ଠାପର ରୁଚିସିଳ ସାମ୍ବାଦିକତାର ଅମ୍ଳାନ ସ୍ମୃତି, କୀର୍ତ୍ତି ପ୍ରତି ଗଭୀର ସଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଚାନ୍ଦବାଲି ଅଞ୍ଚଳରେ ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମାଜସେବା କ୍ଷେତ୍ରରେ ଅଭୟ ସାମଲ, ଓଡ଼ିଶା ଉଦ୍ୟାନ କୃଷି କ୍ଷେତ୍ରରେ ପ୍ରିୟନାଥ ପଣ୍ଡା, ସାମ୍ବାଦିକତା କ୍ଷେତ୍ରରେ ଅଶୋକ ପଣ୍ଡା, ଦୀର୍ଘ ୪୬ ବର୍ଷର ଖବରକାଗଜ ବିତରକ ପ୍ରବୀର ସେଣ, ମାନବସେବା କ୍ଷେତ୍ରରେ ସ୍ୱେଚ୍ଛାସେବୀ ସଂଗଠନ ସର୍ଭିସ୍ ଇଜ୍ ଗଡ୍, ୨୦୨୫ ଓଡ଼ିଶା ମାଧ୍ୟମିକ ଓଡ଼ିଶା ଟପ୍ପର ମେଧାବୀ ଛାତ୍ରୀ ସ୍ୱୟଂପ୍ରଭା ନାୟକ ପ୍ରମୁଖଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସ୍ମୃତି ସଂସଦର ଆବାହକ ନିତ୍ୟ ପ୍ରକାଶ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାହ୍ନୁ ଚରଣ ବେହେରା, ବ୍ରଜ ସୁନ୍ଦର ମହାନ୍ତି, ପ୍ରଫୁଲ୍ଲ ସାହୁ, ସୁଶାନ୍ତ ବିଶ୍ୱାଳ, ପ୍ରଭାକର ବିଶ୍ୱାଳ, ବଦ୍ରିନାଥ ନାୟକ, ସୌଦାମିନୀ ଜେନା, ରେଖା ମଲ୍ଲିକ, ମାୟାଧର ମହାନ୍ତି, ସାମ୍ବାଦିକ ଭାଗିରଥି ସେଠୀ, ହିମାଂଶୁ ନାୟକ, ଦେବାଶିଷ ପାଢ଼ୀ, କିଷାନ ପାତ୍ର, ମାନସ ସାହୁ, ମିଥୁନ ଦାସ, ବିଜୟ ମହାଳିକ, ଦେବକାନ୍ତ ମହାନ୍ତି, ଶରତ ପଣ୍ଡା, ନିରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଗାନ୍ଧୀଘାଟ ସେକ୍ସନ୍‌ର କାର୍ଯ୍ୟକୁ ନେଇ ଗ୍ରାମବାସୀ ଅସନ୍ତୁଷ୍ଟ

**ଭିଜିଲାନ୍ସ ତଦନ୍ତ ଦାବି**

ଅସୁରାଳି,୧୦।୨(ସମିସ): ଧାମନଗର ବ୍ଲକ୍, ଧୂଷୁରୀ ଅଞ୍ଚଳର ପତ୍ରିସାହିରେ ଗେଙ୍ଗୁଟି ନଦୀର ବାମ ପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ ପାଇଁ ୫୬ ଲକ୍ଷ ଟଙ୍କା ବ୍ୟୟ ହୋଇଥିବାର ଅଭିଯୋଗ ଉଠିଛି। ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏହାକୁ "ଲୁଟ୍" ବୋଲି ବିବେଚନା କରାଯାଉଛି। କାରଣ କାମର ଗୁଣମାନ ଓ ପ୍ରାଚୀରର ସ୍ଥିରତା ପ୍ରଶ୍ନବାଚୀ ହୋଇପଡ଼ିଛି। ଲୋକଙ୍କ ଅଭିଯୋଗ ଅନୁଯାୟୀ, ପ୍ରାଚୀର ନିର୍ମାଣରେ ନିୟମିତ ପ୍ରକ୍ରିୟା ଅନୁସରଣ ହୋଇ ନ ଥିବା ସହିତ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଛି। ୫୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲେ ମଧ୍ୟ କାମର ଗୁଣମାନ ସେହି ଅର୍ଥ ସହିତ ସମନ୍ୱୟ ନାହିଁ। ପ୍ରାଚୀରରେ ଫାଟ, ଧସିବା ଓ ଅସୁରକ୍ଷିତ ସ୍ଥିତି ଦେଖି ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରଭାବ ସ୍ୱରୂପ ଗେଙ୍ଗୁଟି ନଦୀ ପ୍ରାଚୀର ଦୁର୍ବଳ ହେବା ସଙ୍ଗେ ସଙ୍ଗେ ବନ୍ୟା ସମୟରେ ଧୂଷୁରୀ, ପତ୍ରିସାହି ଓ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକୁ ବିପଦରେ ପକାଇପାରେ। ଧାନ ଓ ଅନ୍ୟାନ୍ୟ ଚାଷଜମିରେ ବନ୍ୟା ପାଣି ପ୍ରବେଶ କରିବାର ଆଶଙ୍କା ମଧ୍ୟ ଉପୁଜୁଛି। ୮ ମାସ ହେଲା ଦରଖଣ୍ଡିଆ କରି କାମ ବନ୍ଦ ଥିଲା। ବର୍ତ୍ତମାନ କାର୍ଯ୍ୟ ଆରମ୍ଭ କରାଯାଇଛି ଓ କାମକୁ ନେଇ ଗ୍ରାମବାସୀଙ୍କ କହିବା କଥା ଠିକାଦାର କାର୍ଯ୍ୟ ନିମ୍ନମାନର ହେଉଥିବାରୁ ରାସ୍ତା ଧସୁଛି। ଗାଁକୁ ଯାନବାହନ ଯାଇପାରୁନି। ନିମ୍ନମାନର କାର୍ଯ୍ୟ ହେଉଥିବାରୁ ଏହିଭଳି ସମସ୍ୟା ଉପୁଜିଛି। ସେହିପରି ଜଗନ୍ନାଥ ସାହିଠାରେ ଗର୍ତ୍ତା ନାଳର ସୁରକ୍ଷା ପ୍ରାଚୀର ନାମରେ ୭୫ ଲକ୍ଷ ଟଙ୍କାର ଘୋଟଲାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି ଏବଂ କୌଣସି ସ୍ଥାନରେ ଫଳକ ନାହିଁ। ଯନ୍ତ୍ରୀ ବିମଳ ବେହେରାଙ୍କୁ ପଚାରିବାରୁ ସେ କହିଲେ ମୋ ସମୟର କାମ ନୁହେଁ, ତଦନ୍ତ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ।

## ମୃତକଙ୍କ ପରିବାରକୁ ସମବେଦନା ଜଣାଇଲେ ରାଜନେତା



ଧାମନଗର,୧୦।୨(ସମିସ): ଧାମନଗର ଅଞ୍ଚଳର ସୁପରିଚିତ ଦୈନିକ "ସକାଳ'ର ବ୍ଲକ୍ ପ୍ରତିନିଧି ସାମ୍ବାଦିକ ସେକ୍ ଜାଫର ଅଲ୍ଲୀଙ୍କ ବଡ଼ ଭାଉଜ ତଥା ସମାଜସେବୀ ସେକ୍ ଅଜଗର ଅଲ୍ଲୀଙ୍କ ସହଧର୍ମିଣୀ ହେଦାତୁନଙ୍କ ଦେହାନ୍ତ ହୋଇଯାଇଛି। ଏହି ଦୁଃଖଦ ଖବର ପାଇ ମୃତକଙ୍କ ପରିବାର ପାଖରେ ପହଞ୍ଚିଥିଲେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଏନ୍ଏସି ଅଧ୍ୟକ୍ଷା ନିବେଦିତା ଜେନା, ସମିତିସଭ୍ୟ ଭାରତ ବିଜୟ ଦଳାଇ, ବିଜେଡି ନେତା ପ୍ରତାପ ସାମଲ, ଲମ୍ବୋଦର ଜେନା, ସନ୍ଦୀପ ସ୍ୱାଇଁ ଓ ଅନ୍ୟ ନେତୃ ମଣ୍ଡଳୀଙ୍କ ସହ ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ଅନିଲ ବାରିକ, ଦୁର୍ଗାପ୍ରସାଦ ମହାପାତ୍ର ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

## ୧୨ରେ ଭାରତ ବନ୍ଦକୁ ସଫଳ ପାଇଁ ପରିକ୍ରମା ଓ ସଭା



ଭଦ୍ରକ,୧୦।୨(ସମିସ): ବିଭିନ୍ନ ଦାବିରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଆସନ୍ତା ୧୨ ତାରିଖରେ ଭାରତ ବନ୍ଦ ପାଇଁ ଆହ୍ୱାନ କରିଛନ୍ତି। ଏନେଇ ଏକ ଅଭିଯାତ୍ରୀ ଦଳ ଭଦ୍ରକର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ସହ ଭାରତ ବନ୍ଦକୁ ସଫଳ କରିବା ପାଇଁ ବିଭିନ୍ନ ଲୋକଙ୍କ ସହ ଆଲୋଚନା କରିଛନ୍ତି। ଓଡ଼ିଶା କୃଷକ ସଭା ରାଜ୍ୟ ଯୁଗ୍ମ ସମ୍ପାଦକ ବିକାଶ ନାଥ, ସିଆଇଟିୟୁ ଚାନ୍ଦବାଲି ବ୍ଲକ୍ ସଭାପତି ମଳୟ ଭୋଇ, ଓଡ଼ିଶା କୃଷକ ସଭା ଚାନ୍ଦବାଲି ବ୍ଲକ୍ ସଭାପତି ଗୌରାଙ୍ଗ ଯେନା, କୃଷକ ନେତା କାହ୍ନୁ କିଶୋର ସାହୁ, ବରିଷ୍ଠ ବାମପନ୍ଥୀ ନେତା ଅନନ୍ତ ପ୍ରସାଦ ମହାନ୍ତି, ଚାଷୀ ନେତା ଭାଗୀରଥି ରାଉତ, ଦଳିତ ନେତା ହାକିମ୍ ଦାସ, ଚାଷୀ ନେତା ବେଣୁଧର ନାୟକ, ଜୟକୃଷ୍ଣ ମହାନ୍ତି, ଓଡ଼ିଶା କୃଷକ ସଭା ଚାନ୍ଦବାଲି ବ୍ଲକ୍ ସମ୍ପାଦକ ଅଶୋକ ବେହେରା, ଚାଷୀ ନେତା ବିପ୍ରଚରଣ ସେଠୀ ପ୍ରମୁଖ ଧାମରାରୁ ବାହାରି ଚାନ୍ଦବାଲି ବ୍ଲକ୍‌ର ବିଭିନ୍ନ ସ୍ଥାନ ଯଥା- ଧାମରା, କଇଥକୋଳା, ବାଂଶଡ଼ା, ଜନ୍ତୁଆଳି, ଘଣ୍ଟେଶ୍ୱର, ତୋଟାପଡ଼ା, ଯଶିପୁର, ନଳଗୋହିରା, ଚର୍ଦିଆ, ମଉସୁଧା, ମତୋ, ଚାନ୍ଦବାଲି, ଦିଗଛିଆ, ବିଜୟନଗର, ଓରାସାହି, ଓସ୍ତିଆ, ଭାଟପଡ଼ା ଆଦି ସ୍ଥାନ ପରିକ୍ରମା କରି ଆସନ୍ତା ୧୨ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ଚାନ୍ଦବାଲି ବ୍ଲକ୍‌ରେ ସଫଳ କରିବାକୁ ଆହ୍ୱାନ ଜଣାଇଥିଲେ। ଏହି ଅଭିଯାତ୍ରୀ ଦଳକୁ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଚାଷୀ, ମୂଲିଆ ଓ ଶ୍ରମିକମାନେ ସ୍ୱାଗତ କରିଥିଲେ।

## ପ୍ରଭାବଶାଳୀଙ୍କ ପକେଟ୍ ଗରମ; ସରକାରଙ୍କ ରାଜସ୍ୱ ପାଣ୍ଠି ନରମ

# ୪ ବେଆଇନ ବାଲିଘାଟକୁ ଖୋଲିଦେଲା ଖଣି ବିଭାଗ

ଦୋବଲ,୧୦।୨(ସମିସ): ଧାମନଗର ତହସିଲ୍ ଅଞ୍ଚଳ ସୋଧ ରାଜସ୍ୱ ମଣ୍ଡଳ ଅଧୀନ ସୋହଡ଼ା, ଖଡ଼ିପଦା ଓ ଆନନ୍ଦପୁର ପଞ୍ଚାୟତରେ ଚାଲିଥିବା ୪ଟି ବେଆଇନ ବାଲିଘାଟକୁ ଖଣି ଅଧିକାରୀ, ତହସିଲ୍‌ଦାର ଓ ପୁଲିସ ଉପସ୍ଥିତିରେ ବନ୍ଦ କରାଯାଇଛି। କିନ୍ତୁ ଆଖପାଖରେ ଆଉ ୩ଟି ବେଆଇନ ଘାଟ ବନ୍ଦ ହୋଇପାରି ନାହିଁ। ଏହାକୁ ବୁଧବାର ବନ୍ଦ କରାଯିବ ବୋଲି ଭଦ୍ରକ ଜିଲ୍ଲା କନିଷ୍ଠ ଖଣି ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀ କହିଛନ୍ତି। ସନ୍ଧ୍ୟା ହୋଇଯିବାରୁ ଏହା ସମ୍ଭବ ହେଲାନାହିଁ। ବୁଧବାର ପୁଣି ଚଢ଼ଉ ହେବ ଓ ପ୍ରତିକାର ପଦକ୍ଷେପ ନିଆଯିବ ବୋଲି ତହସିଲ୍‌ଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ କହିଛନ୍ତି। ସୋହଡ଼ା ପଞ୍ଚାୟତର କ୍ଷେତ୍ରପୁର, ଖଡ଼ିପଦାର ମୁଥାନଗର ଓ ଆନନ୍ଦପୁରର ନଡ଼ିଆବାଗ ଜେନାସାହି ସିଧାରେ ନଦୀବନ୍ଧରେ ଗଡ଼ା କରାଯାଇ ବୈତରଣୀ ଗର୍ଭରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଉଥିଲା। ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତିମାନେ ନିଜ ସହଯୋଗୀଙ୍କୁ ଲଗାଇ ଟ୍ରାକ୍ଟର ଓ ମିନି ଟ୍ରକ୍‌ରେ ବାଲି ଉଠାଉଥିଲେ। ଦୈନିକ ପ୍ରତ୍ୟେକ ଘାଟରୁ ୫୦ରୁ ଅଧିକ ଟ୍ରିପ୍ ବାଲି ଉଠାଯାଉଥିଲା।



ପ୍ରତ୍ୟେକ ଟ୍ରିପ୍‌କୁ ସମ୍ପୃକ୍ତ ପ୍ରଭାବଶାଳୀ ବ୍ୟକ୍ତି ୪୦୦ ଟଙ୍କାରେ ବିକ୍ରି କରୁଥିଲେ। ଏଣୁ ଗୋଟିଏ ଘାଟରୁ ସେହି ବ୍ୟକ୍ତି ୨୦ହଜାର ଟଙ୍କା ଲେଖାଏଁ ରୋଜଗାର କରୁଥିଲେ।

ବୈତରଣୀ ନଦୀରେ ଉପଯୁକ୍ତ ପରିମାଣର ବାଲି ଗଚ୍ଛିତ ନ ଥିବାରୁ ଓ ସ୍ଥାନୀୟ ଲୋକଙ୍କ ବାରମ୍ବାର ବିରୋଧ ଯୋଗୁଁ ଗତ କିଛି ବର୍ଷ ହେଲା ସୈରାତ ଉତ୍ସ ନିଲାମ ହୋଇପାରୁନାହିଁ। ଏହାର ସୁଯୋଗ ନେଇ ରାଜନୀତିରେ ସମ୍ପୃକ୍ତ ବ୍ୟକ୍ତିମାନେ ନିଜ ସହଯୋଗୀଙ୍କୁ ଏକତ୍ର କରୁଥିଲେ। ଜେସିବି ବା ଡ୍ରୋଜର ମେସିନ୍ ଭଡ଼ାରେ ଆଣି ବାଲିଘାଟ କରୁଥିଲେ। ରାତିରେ ପାଣିରୁ ବାଲି କାଢ଼ି ଉପରେ ଠୁଳ କରନ୍ତି। ପାହାନ୍ତାରୁ ସେହି ବାଲିକୁ ଚୋରାରେ ଚାଲାଣ କରି ଆସୁଥିଲେ। ଦୈନିକ ଶହଶହ ଗାଡ଼ି ନଦୀବନ୍ଧରେ ଯିବାଆସିବା କରିବା ଦ୍ୱାରା ରାସ୍ତା ନଷ୍ଟ ହେଉଥିଲା ଏବଂ ନଦୀବନ୍ଧ ଦୁର୍ବଳ ହେଉଥିଲା। ଅନେକ ସ୍ଥାନରେ ନଦୀବନ୍ଧରେ ଗାତ୍ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ତା' ସହିତ ଚୋରାରେ ବାଲି ନେଉଥିବାରୁ ଧରାପଡ଼ିବା ଭୟରେ ଓ ଲୋକେ ଅଟକାଇବା ଭୟରେ ଚାଳକମାନେ ଭାରିଯାନକୁ ବେପରୁଆ ହୋଇ ଚଳାଇଥାନ୍ତି। ଏହାଦ୍ୱାରା ବାରମ୍ବାର ଦୁର୍ଘଟଣା ଘଟୁଥିଲା। ଏହିସବୁ ବେଆଇନ ବାଲିଘାଟକୁ ବନ୍ଦ କରିବା ଲାଗି ସ୍ଥାନୀୟ ଲୋକେ ତହସିଲ୍‌ଦାର ଓ ଖଣି ଅଧିକାରୀଙ୍କ ପାଖରେ ଅଭିଯୋଗ କରି ଆସୁଥିଲେ। ଗଣମାଧ୍ୟମରେ ମଧ୍ୟ ବାରମ୍ବାର ଖବର ପ୍ରକାଶ ପାଉଥିଲା। ଏହାକୁ ନେଇ ମଙ୍ଗଳବାର କନିଷ୍ଠ ଖଣି ଅଧିକାରୀ, ଧାମନଗର ତହସିଲ୍‌ଦାର ଓ ପୁଲିସ ସହାୟତାରେ ବାଲିଘାଟରେ ଚଢ଼ଉ କରିଥିଲେ। ତା' ସହିତ ନଦୀକୁ ହୋଇଥିବା ଗଡ଼ାକୁ ଜେସିବି ଆଣି କାଟି ଦେଇଥିଲେ। ଏହାପରେ ଘାଟରେ ନାଲି ପତାକା ମାରି ଯାଇଛନ୍ତି।

### ମୁସ୍ତାଫାପୁର ପଞ୍ଚାୟତ ବିଜେଡିର କର୍ମୀ ସମ୍ମିଳନୀ

# ସରକାରଙ୍କ ବିରୋଧରେ ଗର୍ଜିଲେ ନେତା

**ମିଥ୍ୟା ପ୍ରତିଶ୍ରୁତିର ମୁଖା ଖୋଲିବାକୁ ଆହ୍ୱାନ**




ଦୋବଲ, ୧୦।୨ (ସମିସ): ମୁସ୍ତାଫାପୁର ପଞ୍ଚାୟତର ଗୋହିରାଟିକିରିଠାରେ ବିଜେଡିର ଏକ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶତାଧିକ କର୍ମୀଙ୍କ ଉପସ୍ଥିତିରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ହୁଙ୍କାର ଦିଆଯାଇଛି। ଅତିଥିମାନେ ସରକାରଙ୍କୁ ତୀବ୍ର ସମାଲୋଚନା କରି କହିଥିଲେ ଯେ, "ବର୍ତ୍ତମାନର ସରକାର କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ବିଜେଡି ଶାସନ କାଳରେ ଓଡ଼ିଶା ଯେଉଁ ବିକାଶର ଶିଖର ଛୁଇଁଥିଲା, ଆଜି ସେହି କାମରେ କେବଳ ରଙ୍ଗ ମାରି ସରକାର ବାହାବା ନେବାକୁ ଅପଚେଷ୍ଟା କରୁଛନ୍ତି।' ଏପରିକି ରାଜ୍ୟର ସମ୍ପତ୍ତିକୁ ବିକ୍ରି କରିବା ସହ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦିଆଯାଇଛି ଏବଂ ମହିଳାମାନେ ଆଜି ଅସୁରକ୍ଷିତ ବୋଲି ନେତୃବୃନ୍ଦ ମତବ୍ୟକ୍ତ କରିଥିଲେ। ଏହି ସଭାରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବିଜେଡି ବ୍ଲକ୍ ସଭାପତି ପ୍ରତାପ ସାମଲ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ପୂର୍ବତନ ସଭାପତି ଉମେଶ ମହାନ୍ତି, ସମିତିସଭ୍ୟ ଭାରତ ବିଜୟ ଦଳାଇ ପ୍ରମୁଖ ଯୋଗଦେଇ କର୍ମୀମାନଙ୍କୁ ସଂଗଠିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ନରୋତ୍ତମ ଜେନା, ବାସୁଦେବ ପାଗଳ, ସନ୍ଦୀପ ସ୍ୱାଇଁ, ସେକ୍ ମୁସ୍ତାକ, ବାଦଲ ଜେନା, ସୁଶାନ୍ତ ରାଉତ, ସତ୍ୟପ୍ରକାଶ ନାୟକ, ସମିତିସଭ୍ୟ ଜ୍ଞାନରଞ୍ଜନ ମହାକୁଡ଼ ଓ ସୁଦୀପ୍ତ ଖଟୁଆ ନିଜର ଓଜସ୍ୱିନୀ ଭାଷଣ ଦେଇଥିଲେ। ବ୍ଲକ୍ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନଙ୍କ ଦ୍ୱାରା ସଫଳତାର ସହ ସଞ୍ଚାଳିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ୱାର୍ଡରୁ ଶତାଧିକ କର୍ମୀ ଯୋଗଦେଇଥିଲେ। ଆଗାମୀ ଦିନରେ ବିଜେଡିର ସୁଶାସନ ଓ ବର୍ତ୍ତମାନର ସରକାରଙ୍କ ବିଫଳତାକୁ ଘରେ ଘରେ ପହଞ୍ଚାଇବାକୁ ଏହି ଅବସରରେ ଶପଥ ନିଆଯାଇଥିଲା।

## ଭାରତ ବନ୍ଦକୁ ସମର୍ଥନ ଦେଲା ବିଜୁ ଶ୍ରମିକ ସାମ୍ମୁଖ୍ୟ

ଭଦ୍ରକ,୧୦।୨(ସମିସ): ଟ୍ରେଡ୍ ୟୁନିୟନ ପକ୍ଷରୁ ଆସନ୍ତା ୧୨ରେ ଭାରତ ବନ୍ଦ ଡକରାକୁ ସମର୍ଥନ ଜଣାଇଲା ବିଜୁ ଶ୍ରମିକ ସାମ୍ମୁଖ୍ୟ। ଏନେଇ ସୂଚନା ଦେଇଛନ୍ତି ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସଭାପତି ତଥା ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ। କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ବିରୋଧରେ ଆସନ୍ତା ୧୨ ତାରିଖରେ ବିଭିନ୍ନ ଶ୍ରମିକ ସଂଗଠନ ଭାରତ ବନ୍ଦ ଡକରା ଦେଇଛନ୍ତି। ଶ୍ରମିକ ଓ କୃଷକ ସ୍ୱାର୍ଥ ବିରୋଧୀ ନୀତିରେ ପରିବର୍ତ୍ତନ ଆଣିବାକୁ ସାରା ଭାରତ ବର୍ଷରେ ଚକଅଖ ବନ୍ଦର ଡକରା ଦିଆଯାଇଛି। ଟ୍ରେଡ୍ ୟୁନିୟନର ବନ୍ଦ ଡକରାକୁ ସମର୍ଥନ ଜଣାଇବା ସହିତ ବିଜୁ ଶ୍ରମିକ ସାମ୍ମୁଖ୍ୟ ସଦାସର୍ବଦା ଶ୍ରମିକ ଭାଇଭଉଣୀଙ୍କ ସହିତ ଦୃଢ଼ ଭାବେ ଛିଡ଼ା ହୋଇଛି ଓ ଆଗାମୀ ଦିନରେ ମଧ୍ୟ ସେହି ଦୃଢ଼ ପ୍ରତିବଦ୍ଧତା ଅବ୍ୟାହତ ରହିବ ବୋଲି କହିଛନ୍ତି ପ୍ରଫୁଲ୍ଲ ସାମଲ।



କେନ୍ଦ୍ର ସରକାରଙ୍କ ଶ୍ରମିକ ସ୍ୱାର୍ଥ ବିରୋଧୀ ୪ଟି ଶ୍ରମ କୋଡ୍ ବାତିଲ୍, ସ୍କିମ୍ ଶ୍ରମିକମାନଙ୍କୁ ଶ୍ରମିକର ମାନ୍ୟତା ଓ ବର୍ଷସାରା କାମ, ଚାଷୀମାନଙ୍କ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ଓ ପେନ୍‌ସନ୍, ୱାକଫ୍ ବିଲ୍ ବାତିଲ୍, ଦରଦାମ୍ ନିୟନ୍ତ୍ରଣ ଆଦି ଅନ୍ୟାନ୍ୟ ଦାବିକୁ ନେଇ ଆସନ୍ତା ୧୨ ତାରିଖରେ ଶ୍ରମିକ ଅଧିକାର, ସୁରକ୍ଷା ଓ ଜୀବିକାର ମୂଳ ଦାବିଗୁଡ଼ିକୁ କେନ୍ଦ୍ର କରି ଆୟୋଜିତ ହେବାକୁ ଯାଉଥିବା ଗଣତାନ୍ତ୍ରିକ ବିକ୍ଷୋଭ ଓ ଗଣଧାରଣାକୁ ବିଜୁ ଶ୍ରମିକ ସାମ୍ମୁଖ୍ୟ ପୂର୍ଣ୍ଣ ସମର୍ଥନ ଜଣାଉଛି। ଏହି ଆନ୍ଦୋଳନ କେବଳ ଦାବି ନୁହେଁ, ଏହା ଶ୍ରମିକଙ୍କ ସମ୍ମାନ, ସୁରକ୍ଷା ଓ ନ୍ୟାୟସଂଗତ ଅଧିକାର ପାଇଁ ଏକ ସଂଘର୍ଷର ସ୍ୱର। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଶ୍ରମିକ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଶ୍ରମ ସମ୍ମାନ ସଦା ଆମର ପ୍ରାଥମିକତା ରହିଆସିଛି।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଉତ୍ତରବାଡ଼ ଚାମ୍ପିଅନ

ଭଣ୍ଡାରିପୋଖରୀ,୧୦।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସରସଦା ପଞ୍ଚାୟତ ନେନ୍ତିପୁରରେ ମା' ତାରିଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉତ୍ତରବାଡ଼ ଓ ସାରୋ ଦଳ ମଧ୍ୟରେ ୬ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ତରବାଡ଼ ଦଳ ଚାମ୍ପିଅନ ହୋଇଛି। ଉତ୍ତରବାଡ଼ ପ୍ରଥମେ ବ୍ୟାଟିଂ କରି ୭୫ ରନ୍ ସଂଗ୍ରହ କରିଥିଲା। ଜବାବରେ ସାରୋ ଦଳ ନିର୍ଦ୍ଧାରିତ ଓଭରରେ ୫୪ ରନ୍ କରିବାରେ ସକ୍ଷମ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସମାଜସେବୀ ରାମଚନ୍ଦ୍ର ସେନାପତି, ରତ୍ନାକର ଦାସ, ଇଂ ସୁକାନ୍ତ ରାଉଳ, ରମେଶ ଚନ୍ଦ୍ର ନାୟକ, ସାମ୍ବାଦିକ ମନୋରଞ୍ଜନ ସେଠୀ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସତ୍ୟବ୍ରତ ସାହୁ, ଦୁଷ୍ମନ୍ତ ସାହୁ, ଜିତେନ୍ଦ୍ର ଜେନା, ରାଜକିଶୋର ଜେନା, ଚକ୍ରଧର ସେଠୀ, ପପୁନ ଦାସ, ପ୍ରଭାସ ଜେନା, ରଞ୍ଜିତ୍ ସେଠୀ, ଚିତ୍ତରଞ୍ଜନ ସେଠୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ଆଦର୍ଶ ଶିକ୍ଷକ ଦୈତାରୀ ବେହେରା ସମ୍ବର୍ଦ୍ଧିତ



ବାସୁଦେବପୁର,୧୦।୨(ସମିସ): ବାସୁଦେବପୁର ବ୍ଲକ୍ ବରଣ୍ଡୁଆ ପଞ୍ଚାୟତ ବେତଡା ପଞ୍ଚାୟତ ହାଇସ୍କୁଲ ଶିକ୍ଷକ ଦୈତାରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଦୈତାରୀ ବେହେରା ଜଣେ ଛାତ୍ରବତ୍ସଳ ଶିକ୍ଷକ ଅଟନ୍ତି। କେବଳ ଶିକ୍ଷା ନୁହେଁ, ଶିକ୍ଷା ବିଭାଗର ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସେ ତାଲିମଦାତା ଭାବେ ତାଲିମ ପ୍ରଦାନ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଶିକ୍ଷକ ଦୈତାରୀ ବେହେରା ସିଆର୍‌ସିସି ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ତାଙ୍କର କର୍ମଦକ୍ଷତା ପାଇଁ ସରକାରଙ୍କ ପକ୍ଷରୁ ସେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ବାସୁଦେବପୁର ବ୍ଲକ୍‌ର ଜଣେ ଦକ୍ଷତାସମ୍ପନ୍ନ ଶିକ୍ଷକଙ୍କୁ ପଞ୍ଚାୟତ ହାଇସ୍କୁଲର ବାର୍ଷିକ ଉତ୍ସବରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଶ୍ରୀ ବେହେରାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ପ୍ରଧାନଶିକ୍ଷକ ବସନ୍ତ ବେହେରା ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

## ସାହିତ୍ୟିକ ଅର୍ଜୁନ ଚରଣ ପଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି ସଭା

ଧାମନଗର,୧୦।୨(ସମିସ): ବିଶିଷ୍ଟ ଶିକ୍ଷାବିତ୍, ସାରସ୍ୱତ ସାଧକ ଅର୍ଜୁନ ଚରଣ ପଣ୍ଡାଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତିସଭା ଧାମନଗର ବ୍ଲକ୍ ଅନ୍ତର୍ଗତ ବନ୍ଧଟିଆଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଧର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ସନ୍ତୋଷ ପାଢ଼ୀ ସଞ୍ଚାଳନ କରିଥିଲେ। ଏଥିରେ ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଶିକ୍ଷାବିତ୍ ନିରାକାର ରାଉତ, ରସାନନ୍ଦ ମହାପାତ୍ର, ଭାସ୍କର ଚନ୍ଦ୍ର ସାମଲ, ଆନନ୍ଦ ଚନ୍ଦ୍ର ସାମଲ, କଳ୍ପନା ଦାସ, ରାମଚନ୍ଦ୍ର ସାହୁ, ସାମ୍ବାଦିକ ବାସୁଦେବ ତ୍ରିପାଠୀ, ସମାଜସେବୀ ଡ. ସୁବାସ ଚନ୍ଦ୍ର ବାରିକ, ଦାମୋଦର ମଲ୍ଲିକ, ସୂର୍ଯ୍ୟକାନ୍ତ ନାୟକ, ନରେନ୍ଦ୍ର ମଲ୍ଲିକ, କଳାକାର ସୁବାସ ଚନ୍ଦ୍ର ମଲ୍ଲିକ, ସ୍ଥାନୀୟ ସରପଞ୍ଚ ପ୍ରିତମ୍ ଦାସ, ଆଶିଷ ସ୍ୱାଇଁ, ଲୋକେଶ ଚନ୍ଦ୍ର ପଣ୍ଡା, ମନୋଜ ସିଂହ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡା ଗଳ୍ପ, କବିତା, ପ୍ରବନ୍ଧ ଓ ଶିଶୁ ସାହିତ୍ୟ ଉପରେ ପ୍ରାୟ ୩୭ ଖଣ୍ଡ ପୁସ୍ତକ ରଚନା କରି ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି କହିବା ସହ ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ସ୍ୱର୍ଗତ ପଣ୍ଡାଙ୍କ ପୁତ୍ର ଡ. ସଞ୍ଜୀବ ପଣ୍ଡା କୃତଜ୍ଞତା ଜ୍ଞାପନ କରିଥିଲେ।

## 'ସକାଳ' ପ୍ରଭାବ: ଧନମଣିଙ୍କ ଭତ୍ତା ଆଶା ଉଜ୍ଜୀବିତ



ବାରିକପୁର,୧୦।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ଗ୍ରାମର ବାମନ ଜେନା ଜଣେ ଅର୍ଦ୍ଧ ମାନସିକ ବିକୃତ ବ୍ୟକ୍ତି ଭାବେ ଏଣେତେଣେ ବୁଲାବୁଲି କରିଥା'ନ୍ତି। ରୋଗଗ୍ରସ୍ତ ଶରୀର ସହିତ ବିକୃତ ମସ୍ତିଷ୍କ ଭାବେ ରାଢ଼ୋ ଓ ପଟାଟୋଲ ବଜାର ଆଖପାଖ ଅଞ୍ଚଳରେ ସମୟ ଅତିବାହିତ କରନ୍ତି। ମିଳିଲେ କିଛି ଖାଆନ୍ତି ନ ମିଳିଲେ ପାଣିପିଇ ଏଠିସେଠି ଦୋକାନ ପିଣ୍ଡାରେ ଶୋଇ ଯାଆନ୍ତି। ଏନେଇ ଧନମଣିଙ୍କ ଦୁଃସ୍ଥ ଜୀବନ ସମ୍ପର୍କରେ ଗତ ନଭେମ୍ବର ମାସରେ ଦୈନିକ 'ସକାଳ'ରେ ପ୍ରଥମେ ଖବର ପ୍ରକାଶ ପାଇଥିଲା। ଏହାପରେ ଘଟଣାକୁ ପ୍ରଶାସନ ଗୁରୁତ୍ୱର ସହ ଗ୍ରହଣ କରି ଧନମଣିଙ୍କ ପାଖରେ ଅଧିକାରୀମାନେ ପହଞ୍ଚିଥିଲେ। ସ୍ଥାନୀୟ ଅଞ୍ଚଳବାସୀମାନେ ତାଙ୍କ ପାଇଁ ଭତ୍ତା କରାଇଦେବାକୁ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ। ଆଧାର କାର୍ଡ ନ ଥିବାରୁ ତାହା ସମ୍ଭବ ହୋଇ ନ ଥିଲା। ଏହାରି ଭିତରେ ବ୍ଲକ୍ ଅଧିକାରୀମାନେ ଧନମଣିଙ୍କ ଆଧାର ପାଇଁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା। ଗତ ୨ ତାରିଖ ଦିନ ବିଡିଓ ଦେବଦତ୍ତ ଦାଶ ଓ ସାମାଜିକ ସୁରକ୍ଷା ଅଧିକାରିଣୀ ସାନ୍ତ୍ୱନା ଦାସ କର୍ମଚାରୀମାନଙ୍କ ସହିତ ଆଧାର କାର୍ଡ ମେସିନ୍ ଧରି ପଞ୍ଚାୟତ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସରପଞ୍ଚ ରଞ୍ଜନ ପରିଡ଼ା ଓ ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କା ରାଢୋଠାରୁ ଧନମଣୀଙ୍କୁ ପଞ୍ଚାୟତ କାର୍ଯ୍ୟାଳୟକୁ ନେବା ପରେ ତାଙ୍କର ଆଧାର କାର୍ଡ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଧାର କାର୍ଡ ହେବା ପରେ ତାଙ୍କୁ ଭତ୍ତା ଯୋଗାଇ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଧନମଣିଙ୍କ ଭତ୍ତା ପାଇଁ ପ୍ରାୟ ୨ମାସ ହେବ ଲାଗି ରହିଥିବା ପ୍ରୟାସ ନିମନ୍ତେ ବିଡିଓ, ସାମାଜିକ ସୁରକ୍ଷା ଅଧିକାରିଣୀ, ସରପଞ୍ଚ ଓ ସର୍ବୋପରି 'ସକାଳ' ପ୍ରତିନିଧିଙ୍କୁ ବୁଦ୍ଧିଜୀବୀମାନେ ସାଧୁବାଦ ଜଣାଇଛନ୍ତି।

## 'ସେଫର୍ ଇଣ୍ଟରନେଟ୍ ଡେ' ସଚେତନତା କର୍ମଶାଳା



ଭଦ୍ରକ,୧୦।୨(ସମିସ): ଭଦ୍ରକ ଜିଲ୍ଲାରେ ମଙ୍ଗଳବାର 'ସେଫର୍ ଇଣ୍ଟରନେଟ୍ ଡେ' ଅବସରରେ ସଚେତନତା କର୍ମଶାଳା ଆୟୋଜିତ ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାବନା ସଭାଗୃହଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା 'ସ୍ମାର୍ଟ ଟେକ୍, ସେଫ୍ ଚଏସେସ୍: ଏଆଇର ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାର'। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଅଧ୍ୟକ୍ଷତା କରିଥିଲେ। ଏଥିରେ ଡୋମେନ୍ ଆଡ୍‌ଭାଇଜର, ଓଏସ୍‌ଡବ୍ଲୁଏସ୍ ପିଏମ୍‌ୟୁ, ମୁଖ୍ୟ ଉନ୍ନୟନ ଅଧିକାରୀ ସହ ଇଓ ଜିଲ୍ଲା ପରିଷଦ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ଇନ୍‌ଫର୍ମାଟିକ୍ସ ଅଧିକାରୀ (ଏନ୍‌ଆଇସି) ଏବଂ ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର (ଡିଇଜିଏମ୍) ଉପସ୍ଥିତ ଥିଲେ। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ସହ ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ କାର୍ଯ୍ୟକ୍ରମରେ ସକ୍ରିୟ ଭାଗନେଇଥିଲେ। କର୍ମଶାଳାରେ ଏନ୍‌ଆଇସିର ଜିଲ୍ଲା ଇନ୍‌ଫର୍ମାଟିକ୍ସ ଅଧିକାରୀ ବିଜୟ କୁମାର ହିନ୍ଦୀ ଓ ଇଂରାଜୀରେ ଏବଂ ଡିଇଜିଏମ୍ ବିଜୟାନନ୍ଦ କର ଓଡ଼ିଆରେ ସତର୍କ ଇଣ୍ଟରନେଟ୍ ବ୍ୟବହାର, ଦାୟିତ୍ୱପୂର୍ଣ୍ଣ ଏଆଇ ପ୍ରୟୋଗ, ସାଇବର ଆକ୍ରମଣ, ସାଇବର ଅପରାଧ, ଠକେଇ, ଡିଜିଟାଲ ଆରେଷ୍ଟ, ସାଇବର ହାଇଜିନ୍ ଏବଂ ଅଭିଯୋଗ ଦାଖଲ ପ୍ରକ୍ରିୟା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଶେଷରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ବିଭିନ୍ନ ପ୍ରଶ୍ନ ପଚାରି ସନ୍ଦେହ ଦୂର କରିଥିଲେ। ସମଗ୍ର କର୍ମଶାଳା ସଫଳ ଭାବେ ସମାପ୍ତ ହୋଇଥିବା ସହିତ ଡିଜିଟାଲ ସୁରକ୍ଷା ଓ ପ୍ରଯୁକ୍ତିର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସମ୍ପର୍କରେ ସଚେତନତା ବଢ଼ାଇବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା।

## ଦୱେତେ ଇସ୍‌ଲାମୀ ଇଣ୍ଡିଆ ପକ୍ଷରୁ ଦସ୍ତାରବନ୍ଦୀ

ଭଦ୍ରକ,୧୦।୨(ସମିସ): ଦୱେତେ ଇସ୍‌ଲାମୀ ପକ୍ଷରୁ ପୁରୁଣା ବଜାରସ୍ଥିତ ମଦିନା ମଇଦାନଠାରେ ଦସ୍ତାରବନ୍ଦୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବ ଜନାବ ସବବୀର ଅତାରିଙ୍କ ସଭାପତିତ୍ୱରେ ଜନାବ ନଦିମ ଅତାରି ଓ ଜନାବ ଫକ୍ରୁର ଅତାରିଙ୍କ ସହଯୋଗରେ ଆରମ୍ଭ ହୋଇଥିଲା। ଦୱେତେ ଇସ୍‌ଲାମୀ ଇଣ୍ଡିଆ ଭଦ୍ରକ ଜୋନ୍‌ରେ ୩ ଶାଖା ମଦ୍ରାସାରେ ସାନରୁ ବଡ଼ ପିଲା ପର୍ଯ୍ୟନ୍ତ କୋରାନ ପାଠ ଶିକ୍ଷା ଦିଆଯାଏ। ଏହି ୩ ଜୋନ୍‌ରେ କୋରାନ ପାଠକୁ ସମାପ୍ତ କରିଥିବା ୨୭ ଜଣ ଛାତ୍ର କୃତିତ୍ୱ ହୋଇଥିବାରୁ ମଦିନା ମଇଦାନ ପ୍ରାଙ୍ଗଣରେ ପ୍ରମାଣପତ୍ର, ଟ୍ରଫି ଓ ଫୁଲତୋଡ଼ା ଦେଇ ସମ୍ମାନିତ କରାଯାଇଥିଲା। ଏହି ଦୱେତେ ଇସଲାମୀ ମଦ୍ରାସାରେ ୩ ଶିକ୍ଷକ କାରୀ ରାଶିତ, କାରୀ




ସାହିଦ ଓ କାରୀ ଅବଦେ ମୁସ୍ତାଫା ଶିକ୍ଷାଦାନରେ ନିଯୁକ୍ତି ହୋଇ ଛାତ୍ରମାନଙ୍କୁ ଶିକ୍ଷା ଦେଇଥା'ନ୍ତି। ଏହି ଦସ୍ତାରବନ୍ଦୀ ଉତ୍ସବରେ କବି ଓ ପଣ୍ଡିତମାନେ ଛାତ୍ର ଓ ଅଭିଭାବକମାନଙ୍କୁ କୋରାନ ପାଠ, ନମାଜ ପାଠ ଏବଂ ବିଭିନ୍ନ ପ୍ରକାର ପାଠ ଆଲୋଚନାରେ ଆଲୋକପାତ କରିଥିଲେ। ଏହି ଦସ୍ତାରବନ୍ଦୀ ଉତ୍ସବରେ ଲଙ୍ଗର (ପ୍ରସାଦ) ବଣ୍ଟନ କରାଯାଇଥିଲା। ଦୱେତେ ଇସ୍‌ଲାମୀ ଇଣ୍ଡିଆର ଭଦ୍ରକ ଶାଖା ସଭାପତି ଶେଖ୍ ଜାବିର, ହାଜି ଆସିକୁର ରହେମାନ, ଶେଖ୍ ଜୁନେଦ ଅତାରି, ଅବ୍‌ଦୁଲ ଦୟାନ, ଶେଖ୍ ଅନ୍‌ସାର, ସାହିଦ୍ ଖାନ, ଶେଖ୍ ପପ୍ପୁ, ବବ୍‌ଲୁ ଖାନ୍ ଓ ଶେଖ୍ ଇର୍‌ଫାନ ପ୍ରମୁଖ ପରିଚାଳନା କରିଥିଲେ।

## 'ଶାଶ୍ୱତ ବନ୍ଧୁ ମିଳନ' ଉତ୍ସବ

ଧାମନଗର,୧୦।୨(ସମିସ): ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଧାମନଗର ବାଳିକା ଉଚ୍ଚ ବିଦ୍ୟାଳୟର ୨୦୦୮ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ମିଳିତ ଉଦ୍ୟମରେ ଦୋବଲସ୍ଥିତ କନକେଇଠାରେ ଏକ ଭାବପୂର୍ଣ୍ଣ 'ଶାଶ୍ୱତ ବନ୍ଧୁ ମିଳନ' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ପରେ ବନ୍ଧୁମାନଙ୍କ ସହ ମିଳନ ହେବା ସହିତ ସାରା ପରିବେଶ ଆବେଗପୂର୍ଣ୍ଣ ହୋଇ ଉଠିଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ସ୍କୁଲ୍ ଜୀବନର ସେହି ଅଭୁଲା ଦିନଗୁଡ଼ିକୁ ସ୍ମରଣ କରାଯାଇଥିଲା। କର୍ମମୟ ଜୀବନର ବ୍ୟସ୍ତତା ମଧ୍ୟରୁ କିଛି ସମୟ ବାହାର କରି ସମସ୍ତେ ପୁଣିଥରେ ୨୦୦୮ ମସିହାର ସ୍କୁଲ୍ ଦିନକୁ ଫେରିଯାଇଥିଲେ। ଏହି ଅବସରରେ ଅକାଳ ବିୟୋଗ ହୋଇଥିବା ବନ୍ଧୁଙ୍କ ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## ଧାମନଗର ଥାନାରେ ନୂତନ ଅଧିକାରୀ



ଧାମନଗର,୧୦।୨(ସମିସ): ଧାମନଗର ଥାନାରେ ନୂତନ ଅଧିକାରୀ ଭାବେ ସୁଭ୍ରଜିତ୍ ଦାସ ରବିବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଏଠାରେ ମାତ୍ର ୬ ମାସ କାର୍ଯ୍ୟ କରିଥିବା ଧାମନଗର ଥାନା ଆଇଆଇସି ରଞ୍ଜନ କୁମାର ସେଠୀଙ୍କୁ ଜିଲ୍ଲା ମୁଖ୍ୟାଳୟର ମାନବାଧିକାର ସୁରକ୍ଷା ସେଲକୁ ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ମୁଖ୍ୟାଳୟରେ ଥିବା ସୁଭ୍ରଜିତ୍ ଦାସଙ୍କୁ ଧାମନଗର ଥାନା ଆଇଆଇସି ଭାବେ ନିଯୁକ୍ତି କରାଯାଇଛି। ପୂର୍ବ ଅଧିକାରୀ ଶ୍ରୀ ସେଠୀଙ୍କଠାରୁ କାର୍ଯ୍ୟଭାର ଗ୍ରହଣ ପରେ ଥାନା ପକ୍ଷରୁ ସହକାରୀ ଅଧିକାରୀ ଓ କର୍ମଚାରୀମାନେ ନୂତନ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଧାମନଗର ଥାନାରେ ଇନ୍ସପେକ୍ଟର ଭାବେ ମୋର ପ୍ରଥମ ନିଯୁକ୍ତି ହୋଇଛି। ତେବେ ବେଆଇନ ମଦ, ବାଲି ମାଟି, ଗୋରୁଗାଡ଼ି ଓ କୋଇଲା ପରିବହନକୁ ରୋକିବା ସହ ବିଭିନ୍ନ ଚୋରି ତଥା ଅସାମାଜିକ କାର୍ଯ୍ୟ ଉପରେ ତୀକ୍ଷ୍ଣ ନଜର ରଖାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଧାମନଗର ଭଳି ଏକ ସମ୍ବେଦନଶୀଳ ତଥା ଭାଇଚାରା ଅଞ୍ଚଳରେ ନିଯୁକ୍ତି କରାଯାଇଛି। ସେ କାର୍ଯ୍ୟଭାର ଗ୍ରହଣ କରିବା ପରେ ଧାମନଗର ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଆହୁରି ସୁଦୃଢ଼ ହେବ ଏବଂ ଉଚିତ୍ ନ୍ୟାୟ ପାଇପାରିବେ ବୋଲି ଜନସାଧାରଣ ଆଶା ରଖିଛନ୍ତି।

## ଗୁରୁ ପୂଜନ ଓ ବିନ୍ଧୁ ମିଳନ କାର୍ଯ୍ୟକ୍ରମ

ଆରଡ଼ି,୧୦।୨(ସମିସ): ଚାନ୍ଦବାଲି ବ୍ଲକ୍ ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟର ୨୦୦୧ ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁ ପୂଜନ ଓ ବନ୍ଧୁ ମିଳନ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମହେନ୍ଦ୍ର ପଣ୍ଡା, ଦୟାନିଧି ମିଶ୍ର, ରକ୍ଷାକର ବିଶ୍ୱାଳ, ହୃଷୀକେଶ ନାୟକ, ବୈକୁଣ୍ଠ ଚରଣ ବିଶ୍ୱାଳ, ପ୍ରଦିପ ବିଶ୍ୱାଳ, ପଞ୍ଚାନନ ନାୟକ, ଶରତ ଦାସଙ୍କୁ ଓଳଗ ମଠଠାରୁ ଏକ ଶୋଭାଯାତ୍ରାରେ ବିଦ୍ୟାଳୟ ପରିସରକୁ ଆଣିଥିଲେ। ଗୁରୁମାନଙ୍କୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ପ୍ରଦାନ କରି ଛାତ୍ରଛାତ୍ରୀମାନେ ସ୍ୱାଗତ କରିଥିଲେ। ମଠଡିହ କ୍ଲଷ୍ଟରର ସିଆର୍‌ସିସି ଦିଲ୍ଲୀପ ଶେଖର ନାୟକଙ୍କ ଏକ ସଭା ପରିଚାଳନାରେ ମୁରଲୀଧର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ ହୋତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବନିତା ପୃଷ୍ଟି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ବନ୍ଧୁ ମିଳନ ସଭାରେ ଗୁରୁମାନେ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେବା ସହ ଭଲ ମାର୍ଗରେ ଯିବା ପାଇଁ ଉପଦେଶ ଦେଇଥିଲେ।

## ନାଆମୀ ମହାବିଦ୍ୟାଳୟରେ ଜାତୀୟସେବା ଶିବିର

ଭଣ୍ଡାରିପୋଖରୀ,୧୦।୨(ସମିସ): ନାଆମୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱତନ୍ତ୍ର ଶୀତକାଳୀନ ସେବା ଶିବିର ଗତ ୨ ତାରିଖରୁ ଆରମ୍ଭ ହୋଇ ୮ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ସଂଯୋଜକ ଡ. ଅଜୟ କୁମାର ପ୍ରଧାନଙ୍କ ସଞ୍ଚାଳନାରେ ଅନୁଷ୍ଠିତ କର୍ମଶାଳାରେ ଡ. ସୁକାନ୍ତ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଓ ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ କମଳାକାନ୍ତ ଓଝା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଦିବସରେ ନାଆମୀ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀମାନେ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ବୃକ୍ଷରୋପଣ ଓ ତାଲିମ ଦିଆଯାଇଥିଲା। ଜାତୀୟ ସେବା ଯୋଜନା ମାଧ୍ୟମରେ ବ୍ୟକ୍ତିତ୍ୱ ବିକାଶ ପ୍ରସଙ୍ଗରେ ପ୍ରୋଗ୍ରାମ ଅଫିସର ଡ. ଅଜୟ ପ୍ରଧାନ ଓ ଡ. ଚିତ୍ତରଞ୍ଜନ ରାଉତ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ୍ ପ୍ରଦାନ କରିଥିଲେ। ଅଧ୍ୟାପକ ବନମାଳୀ ପଣ୍ଡା ଅର୍ଥନୈତିକ ସାକ୍ଷରତା ଓ ଡ. ସନ୍ତୋଷ ମହାପାତ୍ର ଛାତ୍ର ନେତୃତ୍ୱ ଏବଂ ସମାଜସେବା ଉପରେ ସ୍ୱେଚ୍ଛାସେବୀର ଭୂମିକା ବିଷୟରେ ଉଲ୍ଲେଖ କରିଥିଲେ। ଅଧ୍ୟାପକ ଚିନ୍ତାମଣି ମହାକୁଡ଼ ଏବଂ ପ୍ରଦୀପ ସ୍ୱାଇଁ ଯୋଗ ତାଲିମ ଦେଇଥିଲେ। ଡ. ରଘୁନାଥ ସାହୁ ଓ ଅଧ୍ୟାପକ ଚିତ୍ତରଞ୍ଜନ ରାଉତଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ନିଶା ନିବାରଣ ସମ୍ପର୍କିତ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀ ରୁପାଲୀ ବେହେରା ଜାତୀୟ କ୍ୟାମ୍ପରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିବା ଯୋଗୁଁ ତାଙ୍କୁ ଅଧ୍ୟକ୍ଷ ସମ୍ମାନିତ କରିଥିଲେ। ସ୍ୱେଚ୍ଛାସେବୀ ତନୁଶ୍ରୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।



### ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର

# ହସନାବାଦ ପଞ୍ଚାୟତର ସମସ୍ୟା ଉପରେ ଗୁରୁତ୍ୱ



ଅସୁରାଳି,୧୦।୨(ସମିସ): ଧାମନଗର ବ୍ଲକ୍ ହସନାବାଦ ପଞ୍ଚାୟତରେ ଆୟୋଜିତ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମରେ ମୋଟ ୧୭୪ଟି ଅଭିଯୋଗ ଗ୍ରହଣ କରାଯାଇଛି। ଏଥିରୁ ୧୩୦ଟି ବ୍ୟକ୍ତିଗତ ସମସ୍ୟା ଓ ୩୭ଟି ଗ୍ରାମ୍ୟସ୍ତରୀୟ ସମସ୍ୟା ସମ୍ପର୍କିତ ଥିଲା। ୩୮ଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଥିବା ସୂଚନା ମିଳିଛି। ସହାୟତା ସ୍ୱରୂପ ସିଏମ୍‌ଆର୍‌ଏଫ୍ ଅଧୀନରେ ୧ଟି ମାମଲା ଓ ରେଡ୍‌କ୍ରସ୍ ସହାୟତା ପାଇଁ ୬ଟି ମାମଲା ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଏସ୍‌ପି ମନୋଜ କୁମାର ରାଉତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଏହାଛଡ଼ା ହସନାବାଦ ପଞ୍ଚାୟତର ମୁଖ୍ୟ ସମସ୍ୟାଗୁଡ଼ିକ ଦାବିପତ୍ର ମାଧ୍ୟମରେ ଲୋକେ ଧୂଷୁରୀ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଉପସ୍ଥାପନ କରିଥିଲେ। ପ୍ରତିବର୍ଷ ବୈତରଣୀ ନଦୀର ବନ୍ୟାରେ ଧନ, ଜୀବନ ଓ ଫସଲର ହାନୀ ହେଉଛି। ଘେରି ବନ୍ଧ ପ୍ରସ୍ତାବ ଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇନାହିଁ। ଅନଳଡିହ ଗ୍ରାମରେ ଆର୍‌ଡି ବିଭାଗ ପୋଲ ତିଆରି କରିଥିଲା। କିନ୍ତୁ ଆପ୍ରୋଚ୍ ରୋଡ୍ ନ ଥିବାରୁ ଯାତାୟାତରେ ଘୋର୍ ଅସୁବିଧା ହେଉଛି। ଗୋପବନ୍ଧୁ ନଗର ହାଇସ୍କୁଲରେ ପାଚେରି, ବନ୍ୟା ସମୟରେ ଗ୍ରାମବାସୀଙ୍କ ପାଇଁ ଦୁଇମହଲା ଘର ଆବଶ୍ୟକ, ନୂତନ ମେଡିକାଲ ନିର୍ମାଣ ସରିଥିଲେ ହେଁ ବାଉଣ୍ଡାରି ୱାଲ୍ ଓ ପକ୍କା ରାସ୍ତା ନଥିବାରୁ ଅସୁବିଧା ହେଉଛି। ଶୀଘ୍ର ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ଦାବି କରାଯାଇଛି।

### ପାଣି କରୁଛି କଲବଲ

# ପାନୀୟଜଳ ମୁନ୍ଦାଏ ପାଇଁ ହନ୍ତସନ୍ତ କୋହ୍ଲ ବରପଦାବାସୀ



ଯୋଡ଼ା, ୧୦।୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ କାରାଖେଣ୍ଡ୍ରା ଗ୍ରାମପଞ୍ଚାୟତର କୋହ୍ଲ ବରପଦା ଗ୍ରାମରେ ଦୀର୍ଘବର୍ଷ ହେଲା ପାନୀୟଜଳ ସମସ୍ୟା ଲାଗି ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୫ ନମ୍ବର ୱାର୍ଡ ଅନ୍ତର୍ଗତ କୋହ୍ଲ ବରପଦା ଗ୍ରାମରେ ପ୍ରାୟ ୧୨ ଶହ ଲୋକ ବାସ କରନ୍ତି। ତେବେ ଗ୍ରାମରେ ଏହି ଅସୁବିଧା କାରଣରୁ ଅଧିକାଂଶ ଗ୍ରାମବାସୀ ନିକଟସ୍ଥ କାଣିଆ ନାଳରୁ ନିର୍ଗତ ଝରଣାରୁ ପାନୀୟଜଳ ସଂଗ୍ରହ କରି ବ୍ୟବହାର କରୁଛନ୍ତି। ବର୍ଷା ଋତୁରେ ଝରଣାରୁ କାଦୁଅ ପାଣି ବାହାରୁଥିବାବେଳେ ଖରାଦିନେ ଶୁଖିଯାଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। କୋହ୍ଲ ବରପଦା ଗ୍ରାମବାସୀ ନାହିଁ ନ ଥିବା ସମସ୍ୟା ଭୋଗୁଥିବା ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇଦେବା ନିମନ୍ତେ ସ୍ଥାନୀୟ ଏକ ଖଣି କମ୍ପାନୀ ଅନୁଦାନରେ ଏକ ଗଭୀର ନଳକୂପ ନିର୍ମାଣ କରାଯାଇଥିବା ବେଳେ କିଛିଦିନ ବ୍ୟବହାର ପରେ ବିଦ୍ୟୁତ ବିଲ୍ ଦିଆ ନ ଯିବା କାରଣରୁ ବନ୍ଦ ପଡ଼ିଛି। ଏହା ଗ୍ରାମବାସୀଙ୍କ ବ୍ୟବହାରରେ ଆସୁ ନ ଥିବା ଜଣାପଡିଛି। ବସୁଧା ଯୋଜନା ମାଧ୍ୟମରେ ଘରେ ଘରେ ପାନୀୟଜଳ ଯୋଗାଇଦେବା ନିମନ୍ତେ ୫ ବର୍ଷ ପୂର୍ବରୁ ପାଇପ ସଂଯୋଗ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ସଫଳ ରୂପାୟନ ହୋଇ ପାରିନାହିଁ। ପ୍ରକଳ୍ପଟି କେବେ ସମ୍ପୂର୍ଣ୍ଣ ହେବ ଏହାକୁ ନେଇ ଆଶା ଓ ଆଶଙ୍କାରେ ଗ୍ରାମବାସୀ। କୋହ୍ଲ ବରପଦା ଗ୍ରାମରେ ଅତି କମରେ ଦୁଇଟି ଗଭୀର ନଳକୂପ ଖୋଳାଯାଇ ପାନୀୟଜଳ ଯୋଗାଇ ଦିଆଯିବା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

### ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବିକୁ ଦଶ ବର୍ଷ

# ମା' ତାରିଣୀଙ୍କୁ ଗୁହାରି ଲାଗି ସଙ୍କୀର୍ତ୍ତନ ପଦଯାତ୍ରା ଆଜି



ଆନନ୍ଦପୁର,୧୦।୨(ସମିସ): ଆନନ୍ଦପୁରକୁ ରେଳପଥ ସଂଯୋଗ ପାଇଁ ମା' ତାରିଣୀଙ୍କୁ ଉପାସନା କରିବା ନିମନ୍ତେ ଧନେଇ ସେବା ସଂଘ ପକ୍ଷରୁ ଘଟଗାଁ ପର୍ଯ୍ୟନ୍ତ ମାର୍ଚ୍ଚ ୧୧ ତାରିଖରୁ ସଙ୍କୀର୍ତ୍ତନ ପଦଯାତ୍ରା କରାଯିବ। ଏହାସହ ଏକ ଦାବିପତ୍ର ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ର ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ସମେତ ସମସ୍ତ ବରିଷ୍ଠ ଶାସନିକ ଅଧିକାରୀମାନଙ୍କୁ ପ୍ରେରଣ ପ୍ରେରଣ କରାଯାଇଛି। ଗତ ୨୦୧୪ ମସିହାରୁ ବାରମ୍ବାର ଦାବି ହୋଇଆସୁଥିଲେ ମଧ୍ୟ ଆନନ୍ଦପୁର ଉପଖଣ୍ଡକୁ ରେଳପଥ ସଂଯୋଗ ପାଇଁ କୌଣସି ଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଆନନ୍ଦପୁର ଉପଖଣ୍ଡର ସଚେତନ ନାଗରିକ ଓ ମା' ଧନେଇ ସେବାସଂଘର କର୍ମକର୍ତ୍ତା ପୁରୀ ବଡଦାଣ୍ଡରେ ଦଣ୍ଡବତ ପଡ଼ି ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଗୁହାରି କରିଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ରେଳ ବିଭାଗକୁ ଆନନ୍ଦପୁର ରେଳପଥ ସଂଯୋଗ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଭୁବନେଶ୍ୱର ପୂର୍ବତଟ ରେଳପଥ ତରଫରୁ ଯାଜପୁରଠାରୁ ଯଶୀପୁର ପର୍ଯ୍ୟନ୍ତ ଭାୟା ଆନନ୍ଦପୁର ଦେଇ ଏକ ସର୍ଭେ କରାଯାଇ ୨୦୧୮ରୁ ରେଲୱେ ବୋର୍ଡକୁ ପଠାଯାଇଥିଲା। ଓଡ଼ିଶାରୁ ରାଜ୍ୟସଭାକୁ ଯାଇଥିବା ଅଶ୍ୱିନୀ ବୈଷ୍ଣବ ରେଳମନ୍ତ୍ରୀ ହେବା ପରେ ଆନନ୍ଦପୁରକୁ ରେଳପଥ ସଂଯୋଗ ହେବା ଆଶା ଉଜ୍ଜ୍ୱଳ ହୋଇଥିଲା ହେଲେ ଏଯାଏଁ କାର୍ଯ୍ୟକାରୀ ହେଉ ନ ଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ଡବଲ ଇଂଜିନ ସରକାର ଥାଇ ଜିଲ୍ଲାର ଶାସକ ଗୋଷ୍ଠୀ ଲୋକ ପ୍ରତିନିଧିଙ୍କ ସ୍ୱର ଶୁଭୁ ନ ଥିବାରୁ ଏହି ଦାବିପୂରଣ ହୋଇପାରୁନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଗାଡ଼ି ଧକ୍କାରେ ମା' ମଇଁଷି ମୃତ, ଜଗି ରହିଛି ଶାବକ



କେନ୍ଦୁଝର, ୧୦।୨(ସମିସ): ବାଂଶପାଳ ବ୍ଲକ୍ ସୁଆକାଠି ଦୁବୁନା ରୋଡ ଭେଜେଡିହିଠାରେ ଏକ ଅଜଣା ଗାଡ଼ି ଗତ ରାତିରେ ମଇଁଷି ଓ ତାର ଛୁଆକୁ ଧକ୍କା ଦେଇଥିଲା। ମା' ମଇଁଷିଟିର ମୃତ୍ୟୁ ଘଟିଥିଲା ଏବଂ ଛୋଟ ମଇଁଷି ଆହତ ହୋଇ ଘଟଣାସ୍ଥଳରେ ଜଗି ରହିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ସ୍ଥାନୀୟ ଯୁବ ସାମ୍ବାଦିକ ଦୀପକ ବେହେରା ଓ ନାୟକୋଟ ଥାନାଧିକାରୀ ଜନ୍ ପଟ୍ଟନାୟକ, ଏସାଇ ବାସନ୍ତ କୁମାର ମହାନ୍ତ, ତର୍ମକାନ୍ତ ପଶୁ ଡାକ୍ତର ସଦାନନ୍ଦ ସାହୁ ପହଞ୍ଚି ଆହତ ବାଛୁରିଟିକୁ ଚିକିତ୍ସା କରିବା ସହ ମା' ମଇଁଷିକୁ ମାଟିରେ ପୋତି ଦେଇଛନ୍ତି।

## ୩ ଟ୍ରାକ୍ଟର ଜବତ; ଚାଳକ ଅଟକ

ଡୁରୁମୁଙ୍ଗା, ୧୦।୨(ସମିସ): କେନ୍ଦୁଝର ଜିଲ୍ଲା ବାରିଆ ଥାନା ପୁଲିସ ମଙ୍ଗଳବାର ଚଢ଼ଉ କରି ୩ଟି ବେଆଇନ ବାଲି ଚାଲାଣ କରୁଥିବା ଟ୍ରାକ୍ଟରକୁ ଜବତ କରିଛି। ଏଥିସହ ୩ ଟ୍ରାକ୍ଟରର ଡ୍ରାଇଭରକୁ ଅଟକ ରଖିଛି। ଜାଲି ମେର୍ମେଦା ନାଳରୁ ଟ୍ରାକ୍ଟରଗୁଡ଼ିକ ବାଲି ଉଠାଇ ନେଇ ଚାଲାଣ କରୁଥିବା ସମୟରେ ବାରିଆ ଥାନା ପୁଲିସ ଚଢ଼ଉ କରି ଟ୍ରାକ୍ଟରଗୁଡ଼ିକୁ ଜବତ କରିଛି। ଟ୍ରାକ୍ଟରଗୁଡ଼ିକରେ ନମ୍ବର ନଲେଖି ଅତି ଚାଲାକର ସହ ମାଫିଆମାନେ ବାଲି ଚୋରା ଚାଲାଣ କରୁଥିଲେ।

## ଚୋରା ଲୁହାପଥର ବୋଝେଇ ଟ୍ରକ୍ ଜବତ



ଯୋଡ଼ା,୧୦।୨(ସମିସ): ଯୋଡା ପୁଲିସ ମଙ୍ଗଳବାର ଭୋର ୪ଟା ସମୟରେ ଖୁଣ୍ଟପାଣି ଜଙ୍ଗଲରୁ ଏକ ଚୋରା ଲୁହାପଥର ବୋଝେଇ ଟ୍ରକକୁ ଜବତ କରିଛି। ଖୁଣ୍ଟପାଣି ନିକଟସ୍ଥ ଜଙ୍ଗଲ ତଥା ଟାଟା କମ୍ପାନୀ ଲିଜ ଅଞ୍ଚଳରେ ଅବୈଧ ଖଣିଖୋଳି, ଲୁହାପଥରକୁ ଟ୍ରକ୍ ଯୋଗେ ବାହାର ରାଜ୍ୟକୁ ପଠାଇବା ନିମନ୍ତେ ବୋଝେଇ ହେଉଥିବାବେଳେ ପୁଲିସ ଚଢ଼ଉ କରିଥିଲା। ପୁଲିସ ଗାଡି ଓ ଲାଇଟ ଦେଖି ଅନ୍ଧାରର ସୁଯୋଗ ନେଇ ଖଣିଜ ମାଫିଆମାନେ ଜଙ୍ଗଲ ବାଟ ଦେଇ ଫେରାର ହୋଇଯାଇଥିଲେ। ଏହି ଟ୍ରକରେ ବୋଝେଇ ହୋଇଥିବା ପ୍ରାୟ ୧୧ ମେଟ୍ରିକ୍ ଟନ୍ ଉଚ୍ଚ ମାନର ଲୁହାପଥର ସହ ଟ୍ରକ୍ ନଂ ଓଡି ୧୪ ଟି ୪୯୦୭କୁ ପୁଲିସ ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଅଧିକ ହେବ। ଏହି ଚୋରା କାରବାରରେ କେଉଁମାନେ ସଂପୃକ୍ତ ଏବଂ ଏହା କେଉଁଠାକୁ ଚାଲାଣ ହେଉଥିଲା, ଏନେଇ ଯୋଡା ପୁଲିସ ଅନୁସନ୍ଧାନ ଆରମ୍ଭ କରିଛି।

### ସ୍ଥାଣୁ ପାଲଟିଛି ଯୋଡ଼ା ପୌରପାଳିକା

# ଅବ୍ୟବସ୍ଥାରେ ବିଭିନ୍ନ ୱାର୍ଡ ଓ ଗଳି ରାସ୍ତା





ଯୋଡ଼ା, ୧୦।୨(ସମିସ): ଯୋଡ଼ା ପୌରପାଳିକାରେ ୧୪ଟି ୱାର୍ଡ ଥିବାବେଳେ ବିଭିନ୍ନ ୱାର୍ଡରେ ଅନେକ ସମସ୍ୟା ରହିଥିବା ୱାର୍ଡବାସୀ ଅଭିଯୋଗ କରିଛନ୍ତି। ୧୦ ନମ୍ବର ୱାର୍ଡରେ ମୌଳିକ ସୁବିଧାରୁ ବଞ୍ଚିତ ରହୁଛନ୍ତି ଜନସାଧାରଣ। ୱାର୍ଡଟିରେ ରାସ୍ତା ସମସ୍ୟା ରହିଥିବାରୁ ଯାତାୟାତ ପାଇଁ ଅସୁବିଧା ଭୋଗୁଥିବା ବେଳେ ମାସ ମାସ ଧରି ଡ୍ରେନଗୁଡିକ ସଫା ହେଉ ନାହିଁ। ଫଳରେ ୱାର୍ଡବାସୀ ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ରହୁଛନ୍ତି। ଗୋଷ୍ଠୀ ଶୌଚାଳୟ ନିର୍ମାଣ ହୋଇଥିଲେ ମଧ୍ୟ ତାହାର ଦେଖରେଖ ଓ ସଫାସୁତୁରା ହେଉ ନ ଥିବା ଅଭିଯୋଗ ହେଉଛି। ଶୁଦ୍ଧ ପାନୀୟଜଳ ମୁନ୍ଦାଏ ପାଉ ନାହାନ୍ତି ୱାର୍ଡବାସୀ। ପାଇପଗୁଡିକ ଫାଟି ପାଣି ଅନବରତ ବୋହି ଯାଉଥିବା ବେଳେ ଉପର ମୁଣ୍ଡରେ ରହୁଥିବା ଲୋକ ପାଣି ମୁନ୍ଦାଏ ପାଉ ନାହାନ୍ତି। ଏହାକୁ ନେଇ କିଛି ଗ୍ରାମବାସୀ ସାଂସଦ ପ୍ରତିନିଧି ବିଏନ ଦାଶଙ୍କ ନିକଟରେ ଅଭିଯୋଗ କରି ତୁରନ୍ତ ଏହାର ସମାଧାନ ପାଇଁ ଦାବି କରିଥିବା ଦେଖିବାକୁ ମିଳିଛି। ସେହିପରି ୱାର୍ଡଟି ପାହାଡ଼ ସଂଲଗ୍ନ ହୋଇଥିବା ବେଳେ ବର୍ଷା ଦିନେ ମାଟି ଅତଡ଼ା ଖସି ଆଗକୁ ବିପଦ ସୃଷ୍ଟି କରିପାରେ ବୋଲି ସନ୍ଦେହ କରି ସାଂସଦ ପ୍ରତିନିଧି ଓ କାଉନସିଲରଙ୍କ ନିକଟରେ ଏହାର ପ୍ରତିକାର ପାଇଁ ପଥର ପ୍ୟାଚିଂ ପାଇଁ ଦାବି କରିଥିବା ଜଣାପଡିଛି। ତେବେ ତୁରନ୍ତ ଏହାର ସମାଧାନ ପାଇଁ ଉଭୟ ୧୫ ଦିନ ସମୟ ମାଗିଥିବା ୱାର୍ଡ ବାସୀ କହିଛନ୍ତି। ଠିକ ସେହିପରି ଯୋଡ଼ା ପୌରପାଳିକାର ୬ ନମ୍ବର ୱାର୍ଡ ବାଟୁ ହଟିଙ୍ଗରେ ଡ୍ରେନ ବ୍ୟବସ୍ଥା ଅସଜଡ଼ା ହୋଇ ପଡ଼ିଥିବା ବେଳେ ପିଏଚଡି ପାଣି ରାସ୍ତା ଉପରେ ଅନବରତ ବୋହି ଚାଲିଛି। ଅସୁରକ୍ଷିତ ଅବସ୍ଥାରେ ଛାତ୍ରଛାତ୍ରୀ ଭଙ୍ଗା ଡ୍ରେନ ଉପରେ ଡେଇଁ ଡେଇଁ ବିଦ୍ୟାଳୟକୁ ଯାଉଛନ୍ତି। ଅନ୍ୟପଟେ ଶାସ୍ତ୍ରୀ ନଗରଠାରେ ତିନିଦିନ ହେଲାଣି ପିଏଚଡି ପାଣି ଲମାଟିଆ ହୋଇ କାଦୁଅ ସହ ଲୋକଙ୍କ ଘରେ ପହଞ୍ଚୁଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। କାଦୁଅ ପାଣି ବ୍ୟବହାର କଲେ ଲୋକ ବିଭିନ୍ନ ରୋଗର ଶିକାର ହେବାର ଭୟ ରହିଥିବା କହିଛନ୍ତି। ପାଞ୍ଚ ନମ୍ବର ୱାର୍ଡର ରାସ୍ତା ତାରିଣୀ ଛକଠାରୁ ଆଜାଦ ବସ୍ତି ଛକ ପର୍ଯ୍ୟନ୍ତ ମରାମତି ପାଇଁ ଦାବି ହେଉଥିବା ବେଳେ କିଛି କିଛି ସ୍ଥାନରେ ଡ୍ରେନ ବ୍ୟବସ୍ଥା ନ ଥିବାରୁ ଲୋକଙ୍କ ଘର ଧୁଆ ପାଣି ରାସ୍ତା ଉପରେ ଭାସୁଛି। ତେବେ ଏସବୁ ସମସ୍ୟା ଗୁଡିକର ସମାଧାନ କରିବାକୁ ବିଭିନ୍ନ ୱାର୍ଡରୁ ଦାବି ହେଉଛି।

### ଚେକବାଉନ୍ସ ମାମଲା

# ୩୦ ଲକ୍ଷ ଟଙ୍କା ଜରିମାନା; ବର୍ଷେ ଜେଲଦଣ୍ଡ

ଆନନ୍ଦପୁର, ୧୦।୨(ସମିସ): ଚେକ୍ ବାଉନ୍ସ ମାମଲାରେ ଅଭିଯୁକ୍ତକୁ ୩୦ଲକ୍ଷ ଟଙ୍କାର ଜରିମାନା ସହିତ ଏକବର୍ଷ କାରାଦଣ୍ଡ ଆଦେଶ ଦେଇଛନ୍ତି ଆନନ୍ଦପୁର ଏସ୍‌ଡ଼ିଜେଏମ୍ ଗୌରୀଶଙ୍କର ପଣ୍ଡା। ୨୦୧୬ରେ ଜୟଗୁରୁ କନଷ୍ଟ୍ରକ୍ସନର ପ୍ରୋପାଇଟର ତ୍ରିଲୋଚନ ଦାଶ ଯାଜପୁର କଳିଙ୍ଗନଗରରେ ଜାମଦା କନଷ୍ଟ୍ରକ୍ସନ ଅଧୀନରେ କାମ କରୁଥିଲେ। ଏହି କାମ ବାବଦକୁ ତାଙ୍କର ୨୧ଲକ୍ଷ ଟଙ୍କା ପ୍ରାପ୍ୟ ନଦେଇ ଜାମଦା କନଷ୍ଟ୍ରକ୍ସନର ମୁଖ୍ୟ ଲକ୍ଷ୍ମଣ ଜାମଦା ତାଙ୍କୁ ଯାଜପୁର ଦେନା ବ୍ୟାଙ୍କର ୨୧ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ଶ୍ରୀ ଦାଶ ୨୦୧୬ ଅଗଷ୍ଟ ମାସରେ ଏହି ଚେକକୁ ଆନନ୍ଦପୁର କାନାରା ବ୍ୟାଙ୍କରେ ଜମା କରିଥିଲେ। ତେବେ ଏହି ଚେକ୍ ବାଉନ୍ସ ହୋଇ ଯାଇଥିଲା। ଶ୍ରୀଦାଶ ଏନେଇ ବାରମ୍ବାର ଲକ୍ଷ୍ମଣଙ୍କୁ ଜଣାଇଥିଲେ ମଧ୍ୟ ପ୍ରାପ୍ୟ ଅର୍ଥ ମିଳିନଥିଲା। ଫଳରେ ଶ୍ରୀ ଦାଶ ବାଧହୋଇ ଆଇନ୍ ଆଶ୍ରୟ ନେଇଥିଲେ। ଦୀର୍ଘ ୯ ବର୍ଷ ପରେ ଏହି ମାମଲାର ଶୁଣାଣି ହୋଇଥିବାବେଳେ ଶ୍ରୀଦାଶ ଏହାକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି। ଶ୍ରୀଦାଶଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ।

# ବିଭିନ୍ନ ବିଦ୍ୟାଳୟର ବାର୍ଷିକ ଉତ୍ସବ

### ଅତାସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ



ଆନନ୍ଦପୁର, ୧୦।୨ (ସମିସ): ଘସିପୁରା ବ୍ଲକ ବଳରାମପୁର ପଞ୍ଚାୟତ ଅତାସାହିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିବେକାନନ୍ଦ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରେଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଉପେନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଏବିଇଓ ଚମ୍ପୁଆ ଗୋବିନ୍ଦଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ବଳରାମପୁର ସରପଞ୍ଚ ମାଳତୀ ସେଠୀ, ସିଆରସିସି ଅଶୋକ ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାବାଜୀ ପାଗଳ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅମ୍ବରିଶ ପ୍ରସାଦ ରାଉତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷୟତ୍ରୀ ପ୍ରମିଳା ସାହୁ ଧନ୍ୟବାଦ ଦେଇଥିଲେ। ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ରାମଲା ଏସଏସଡି ଉଚ୍ଚ ବିଦ୍ୟାଳୟ



ଚମ୍ପୁଆ: ଚମ୍ପୁଆ ଏନଏସି ୧୨ ନଂ ୱାର୍ଡସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ରାମଲା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଚମ୍ପୁଆ ଆଇଟିଡିଏ ଅତିରିକ୍ତ ମଙ୍ଗଳ ଅଧିକାରୀ ସୁଚେତା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ସ୍ଥାନୀୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମୋତିଲାଲ ଲାଗୁରୀ, ବ୍ଲକ ସଂପ୍ରସାରଣ ଅଧିକାରୀ ପ୍ରମୋଦ କୁମାର ନାଏକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ଲୁଦୁକି ବବାଙ୍ଗ ଏବଂ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟନ୍ତ କୁମାର ସାମନ୍ତସିଂହାର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମେଶଚନ୍ଦ୍ର ଚକ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସହକାରୀ ଶିକ୍ଷକ ସୌମ୍ୟରଞ୍ଜନ ଜେନା ମଞ୍ଚ ପରିଚାଳନା କରିଥିଲେ।

### ସେଣ୍ଟ ଜାଭିୟର ହାଇସ୍କୁଲ




ଡୁରୁମୁଙ୍ଗା: ପାଟଣା ବ୍ଲକ ଡୁରୁମୁଙ୍ଗାସ୍ଥିତ ସେଣ୍ଟଜାଭିୟର ହାଇସ୍କୁଲର ୩ୟ ବାର୍ଷିକ ଉତ୍ସବ ରବିବାର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପୀନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଇଓ ପୂର୍ଣ୍ଣଚନ୍ଦ୍ର ଅମାନ୍ତ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ପ୍ରାଧ୍ୟାପକ ତଥା +୨ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରକାଶଚନ୍ଦ୍ର ପାଲ୍, ସମ୍ମାନିତ ଅତିଥି ଭାବେ ସୁଧାଂଶୁ ଶେଖର ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମିରାଣୀ ପ୍ରତିହସ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ମହାନ୍ତ ଧନ୍ୟବାଦ ଦେଇଥିଲେ। ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଶାଳବଣି ବେଦଦ୍ୟୁତି ବିଦ୍ୟାମନ୍ଦିର




ଆନନ୍ଦପୁର, ୧୦।୨ (ସମିସ): ଆନନ୍ଦପୁର ବ୍ଲକ ଶାଳବଣି ବେଦଦ୍ୟୁତି ବିଦ୍ୟାମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ପ୍ରତିଷ୍ଠାତା ଡ ଚନ୍ଦନ କୁମାର ରାଜଙ୍କ ଆବାହକତ୍ୱରେ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ମୁଖ୍ୟବକ୍ତା ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡା, ସମ୍ମାନିତ ଅତିଥିଭାବେ ଆନନ୍ଦପୁର ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ହେମେନ୍ଦ୍ରନାଥ ମହାନ୍ତି ଓ ଶାଳବଣି ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ପଦ୍ମନାଭ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ନିଜ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ଏହାଦ୍ୱାରା ଶିକ୍ଷା ସହ ସଂସ୍କୃତିର ସମନ୍ୱୟ ସୃଷ୍ଟି ହେବା ସହ ଶିଶୁଙ୍କ ଅସୀମ ପ୍ରତିଭାର ପ୍ରଦର୍ଶନ ଆତ୍ମବିଶ୍ୱାସ ଓ ପରିଶ୍ରମ ଜାଗ୍ରତ କରିଥାଏ ବୋଲି ପ୍ରତିଷ୍ଠାତା ଡ ରାଜ ମତ ବ୍ୟକ୍ତ କରିଛନ୍ତି। ଓରାଳି ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ହାସ୍ୟମୟୀ ରାଜ୍ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୁଭଶ୍ରୀ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରଛାତ୍ରୀ ଓ ମହିଳା ଅଭିଭାବିକାଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ କଳ୍ପନା ପଲେଇ, ଯାଜ୍ଞସେନୀ ନାୟକ, ଅଲିଭା ସାହୁ, ଦେବସ୍ମିତା ସାହୁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ନନ୍ଦିନୀ ଜେନା ସହଯୋଗ କରିଥିଲେ।

# ଯୁବକଙ୍କୁ ସ୍ୱାବଲମ୍ବୀ କରିଛି ବିଦେଶୀ କୋଳି ଚାଷ



ଆନନ୍ଦପୁର, ୧୦।୨ (ସମିସ): ପାଠ ପଢ଼ି କେବଳ ଚାକିରି କରିବା ପରମ୍ପରା ଏବଂ ମାନସିକତାକୁ ଏଡ଼ାଇ ଦେଇ ଜଣେ ଶିକ୍ଷିତ ଯୁବକ ଚାଷଜମିରେ ସଫଳତା ହାସଲ କରିଛନ୍ତି। ଏହାଦ୍ୱାରା ବର୍ତ୍ତମାନ ଜୀବନଶୈଳୀର ଚାପ ପରିପ୍ରେକ୍ଷୀରେ ସେ ଯୁବ ପିଢ଼ି ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ନିଜେ ଆତ୍ମନିର୍ଭରଶୀଳ ହେବା ସହ ପରିବାର ପ୍ରତିପୋଷଣ କରୁଛନ୍ତି। ସେ ହେଉଛନ୍ତି ଆନନ୍ଦପୁରର ଅଶେଷ ମହାରଣା। ବିଦେଶୀ କୋଳି ଆପଲ୍ ବେରୀ ଚାଷକରି ସଫଳତା ପାଇଛନ୍ତି। ବ୍ୟବସାୟରୁ ସମୟ ବାହାର କରି କୋଳି ଚାଷରେ ମନ ବଳାଇ ଅର୍ଥ ଉପାର୍ଜନ କରିବା ସଙ୍ଗେସଙ୍ଗେ ପରିବାରର ଭରଣପୋଷଣ ସହିତ ନିଜକୁ ସ୍ୱାବଲମ୍ବୀ କରିପାରିଛନ୍ତି। ମାତ୍ର ୨୦ ହଜାର ଟଙ୍କାରେ ଚାଷ ଆରମ୍ଭ କରି ଚେଷ୍ଟା ଓ ନିଷ୍ଠା ବଳରେ ଏବେ ଲକ୍ଷଲକ୍ଷ ଟଙ୍କା ଉପାର୍ଜନ କରିବା ସହିତ ନିଜକୁ ଜଣେ ପ୍ରତିଷ୍ଠିତ ଚାଷୀ ଭାବେ ଆନନ୍ଦପୁର ଉପଖଣ୍ଡରେ ଉଦାହରଣ ପାଲଟିଛନ୍ତି। ଚାଷ କରି ଯୁବପିଢି ଆତ୍ମନିର୍ଭରଶୀଳ ଓ ରୋଜଗାରକ୍ଷମ ହୋଇପାରିବେ ବୋଲି ସେ କହିଛନ୍ତି।

ଆନନ୍ଦପୁର ପୌରପାଳିକା ୫ନଂ ୱାର୍ଡ ସ୍ୱର୍ଗତ ରାଧାନାଥ ମହାରଣାଙ୍କ ପୁଅ ଅଶେଷ (ଲୁଲୁ) କଲେଜରୁ ସ୍ନାତକ ସାରିବା ପରେ ସରକାରୀ ଚାକିରି ପାଇଁ ମନ ବଳାଇଥିଲେ। ନିରାଶ ହେବାପରେ ଛୋଟଛୋଟ ଠିକା କାମ କରି ଜୀବିକା ନିର୍ବାହ କରି ଆସୁଥିଲେ। ୨୦୨୨ରେ ୟୁଟ୍ୟୁବ୍‌ରୁ ବିଦେଶୀ କୋଳି ଚାଷପ୍ରଣାଳୀ ସମ୍ପର୍କରେ ତଥ୍ୟ ଜାଣିବା ପରେ କଲିକତାରୁ ବିଦେଶୀକୋଳିର ଚାରା ୧୦୦ ଟଙ୍କା ଲେଖାଏରେ ସଂଗ୍ରହ କରିଥିଲେ। ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ନିଜର ଜମିରେ ଏହି ଚାଷ କରି ୧୧ ଫୁଟ ବ୍ୟବଧାନରେ ଗାତ ଖୋଳି ଚାରା ଲଗାଇଥିବା ଏବଂ ଚାରାରୋପଣ ପରେ ଆବଶ୍ୟକ ଶୋରିଷ ଓ ନିମ ପିଡିଆ, ଗୋବରଖତ ପ୍ରୟୋଗ କରିଥିଲେ। ରୋଗ ଓ ପୋକ ଦାଉରୁ ରକ୍ଷା ପାଇଁ ଆବଶ୍ୟକ ଔଷଧ ସିଞ୍ଚନ କରିଥିଲେ। ୪୦ ଦିନ ପରେ ଗଛରେ ଫୁଲ ଓ ପରେପରେ ଫଳ ଆସିଥିଲା। ସେହି କୋଳିର ବଜାର ଚାହିଦା ବେଶ୍ ଅଧିକ ରହିଥିଲେ ମଧ୍ୟ ଶ୍ରୀ ମହାରଣା କୋଳିକୁ ବାହାର ବଜାରରେ ବିକ୍ରି ନ କରି ସ୍ଥାନୀୟ ଖାଉଟିଙ୍କୁ ଯୋଗାଇ ଆବଶ୍ୟକ ଅର୍ଥ ଉପର୍ଜନ କରିଥାନ୍ତି। ସେ ୧ ଏକର ଜମିରେ ପାଖାପାଖି ୪୦୦ ଗଛ ଲଗାଇଛନ୍ତି। ପ୍ରତ୍ୟେକ ଗଛରୁ ପାଖାପାଖି ୬ କିଲୋରୁ ୮ କିଲୋ ପର୍ଯ୍ୟନ୍ତ କୋଳି ଉତ୍ପାଦନ ହୋଇଥାଏ। ଯାହାର ଆନୁମାନିକ ବଜାର ମୂଲ୍ୟ ଲକ୍ଷାଧିକ ଟଙ୍କା ହୋଇଥାଏ। ମାତ୍ର ୯୦ ଦିନରେ ଫଳ ବିକ୍ରି ସରିବା ପରେ ପୁନର୍ବାର ଗଛକୁ କାଟିବାକୁ ପଡ଼ିଥାଏ। ବର୍ଷା ଋତୁ ପରେ କଟା ଯାଇଥିବା ଗଛରୁ କୁଆଁ ବାହାରି ଗଛ ସୃଷ୍ଟି ହୋଇଥାଏ। ତେବେ ଏହି ବିଦେଶୀ କୋଳି ଚାଷ ଜଣେ ବ୍ୟକ୍ତିକୁ ସ୍ୱାବଲମ୍ବୀ କରିବା ସଙ୍ଗେସଙ୍ଗେ ତାର ଆର୍ଥିକ ମାନଦଣ୍ଡ ସୁଦୃଢ କରୁଥିଲେ ମଧ୍ୟ ଏଥିସକାଶେ କୌଣସି ସରକାରୀ କିମ୍ବା ବେସରକାରୀ ସଂସ୍ଥା ପକ୍ଷରୁ ପ୍ରୋତ୍ସାହନ ମିଳି ନଥିବା ଜଣାଯାଇଛି। କୃଷି ଓ ଉଦ୍ୟାନ ବିଭାଗ ପକ୍ଷରୁ ପ୍ରୋତ୍ସାହନ ଯୋଗାଇଦେଲେ ତାଙ୍କ ପରି ଅନେକ ଶିକ୍ଷିତ ଯୁବକ ଚାଷ ପ୍ରତି ମନ ବଳାଇବା ସଙ୍ଗେସଙ୍ଗେ ନିଜକୁ ସ୍ୱାବଲମ୍ବୀ କରାଇ ପାରନ୍ତେ ବୋଲି ଶ୍ରୀ ମହାରଣା କହିଛନ୍ତି।

